## ସଂକ୍ଷେପରେ

### ଅଜଣା ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ତାଳଚେର, ୧୯।୧୧(ନି.ପ୍ର)- ତାଳଚେର ବ୍ଲକ ବହ୍ଲର ଛକ ନିକଟ ଜାତୀୟ ରାଜପଥରେ ଏକ ଅଜଣା ଟ୍ରକ୍ ଧକ୍କାରେ ରବିବାର ବିଳମ୍ବିତ ରାତିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ତାଳଚେର ବ୍ଲକ ବଙ୍ଗୁ ଗ୍ରାମର ଶ୍ରବଣ ବାରିକ(୨୨) ବୋଲି ଜଣାପଡିଛି। ଖବରପାଇ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ମହିଳା କବି ସମ୍ବର୍ଦ୍ଧିତ



ବଇଣ୍ଡା,୧୯।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦର ମହିଳା କବି ପ୍ରତିଭା ସାହୁଙ୍କୁ ରବିବାର କଟକ ଜିଲା ଟାଉନ ରୋଡ୍ ଶ୍ରୀରାମଚନ୍ଦ୍ର ଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ପ୍ରତିଭା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା ପ୍ରତିଭା ପୂଜା ସଂସଦର ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦ ଓ କିଶୋରନଗର ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ଦାବିପତ୍ର

ମାଧପୁର, ୧୯।୧୧- ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନେଇ ସୋମବାର ସ୍ୱାସ୍ଥ୍ୟ ସୁରକ୍ଷା ଜାଗରଣ ମଞ୍ଚ ତରଫରୁ ଏକ ଦାବିପତ୍ର ଆଠମଲ୍ଲିକ ଉପଜିଲାପାଳଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଡାକ୍ତରଖାନାରେ ଜଣେ ବରିଷ୍ଠ ଡାକ୍ତର, ବିଶେଷଜ୍ଞଙ୍କୁ ନିଯୁକ୍ତି ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ପାଇଁ ମଞ୍ଚ ଦାବି କରିଛି। ଉପଜିଲାପାଳ ନାରାୟଣ ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

### ଶୌଚାଳୟ ଦିବସ ପାଳିତ

କଣିହାଁ, ୧୯।୧୧(ଡି.ଏନ.ଏ.)- କଣିହାଁ ପଞ୍ଚାୟତ ସମିତି ପବିତ୍ରମୋହନ ସଭାଗୃହରେ ବ୍ଲକ ପ୍ରଶାସନ ତରଫରୁ ବିଶ୍ୱ ଶୌଚାଳୟ ଦିବସ ସୋମବାର ପାଳିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧକ୍ଷା ନମିତା ସାହୁ, ଏନ୍‌ଜିଓ ସଙ୍ଗଠକମାନେ ଯୋଗ ଦେଇଥିଲେ। ସୁସ୍ଥ ଜୀବନ ପାଇଁ ସୁସ୍ଥ ପରିମଳ ବ୍ୟବସ୍ଥା ନିହାତି ଆବଶ୍ୟକ। ତେଣୁ ଲୋକେ ଦୈନନ୍ଦିନ ଜୀବନରେ ଶୌଚାଳୟର ବ୍ୟବହାର କରିବାକୁ ଉପସ୍ଥିତ ଅତିଥି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀଙ୍କ ସହିତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପ୍ରଧାନ, ସବିତା ପ୍ରଧାନ ଉପସ୍ଥିତ ଥିଲେ।

### ଖମାର, ବାଗଡିଆରେ କାର୍ତ୍ତିକେଶ୍ୱର ପୂଜା

ଛେଣ୍ଡିପଦା,୧୯।୧୧(ସ୍ୱ.ପ୍ର)
ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ବାଣେଶ୍ୱର ମନ୍ଦିରଠାରେ କାର୍ତ୍ତିକେଶ୍ୱର ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜା ମଣ୍ଡପ, ତୋରଣ ସାଜସଜ୍ଜା କରାଯାଇଛି। ପୂଜା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପୂଜା କମିଟିର ଶ୍ରୀକାନ୍ତ ମହାପାତ୍ର, ସଞ୍ଜୀବ କୁମାର ସାହୁ, ସୌମ୍ୟରଞ୍ଜନ ସାହୁ, ଲୋକନାଥ ସାହୁ, ଲିପନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଭସାଣି ଉତ୍ସବ ପାଳନ କରାଯିବ। ସେହିପରି ବାଗଡିଆ ପଞ୍ଚାୟତର ମାଉସୀସାହି ଓ ସଜରା ସାହିଠାରେ ପୂଜା ଅନୁଷ୍ଠିତ ହୋଇଛି।

### ବାଇକ୍‌କୁ ପିଟିଲା ଡମ୍ଫର, ୨ ଆହତ

ରୂପ୍‌ସା, ୧୯।୧୧(ଡି.ଏନ.ଏ.):
ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଓଡ଼ଙ୍ଗୀ ପେଟ୍ରୋଲ ପମ୍ପଠାରେ ରବିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ବାଲେଶ୍ୱରରୁ ରୂପ୍‌ସା ଅଭିମୁଖେ ଯାଉଥିବା ଏକ ଡମ୍ଫର (ନଂ.ଓଡ଼ି୦୧କେ ୦୬୬୬) ସାମ୍ନା ପଟୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀ ରେମୁଣା ଥାନା ବଡୁଆ ଗ୍ରାମର ଲକ୍ଷ୍ମୀଧର ମଲିକ ଓ ଶଚୀନ୍ଦ୍ର ମଲିକ ଗୁରୁତର ଆହତ ହୋଇଥିଲେ। ୨ଜଣଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ସେମାନଙ୍କୁ ଚିକିତ୍ସା ପାଇଁ କଟକ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଏନେଇ ଏକ ମାମଲା ରୁଜୁକରି ତଦନ୍ତ ଜାରି କରିଛନ୍ତି।

## ■ଚେତାବନୀ ଦେଲା ତାଳଚେର ପରିବେଶ ସୁରକ୍ଷା ସମିତି

# ଜାନୁୟାରୀ ୪ରେ ୧୨ ଘଣ୍ଟିଆ ବନ୍ଦ

ତାଳଚେର,୧୯।୧୧(ନି.ପ୍ର.)

ପ୍ରଦୂଷଣର ନିରାକରଣ, ନିର୍ମାଣାଧୀନ ମେଡିକାଲ୍ କଲେଜକୁ ୨୦୧୯-୨୦ରୁ କାର୍ଯ୍ୟକ୍ଷମ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଅବହେଳା ପ୍ରତିବାଦରେ ଆନ୍ଦୋଳନ ଡାକରା ଦେଇଛି ତାଳଚେର ପରିବେଶ ସୁରକ୍ଷା ସମିତି। ଆଗାମୀ ଜାନୁୟାରୀ ୪ରେ ୧୨ ଘଣ୍ଟିଆ ତାଳଚେର ଉପଖଣ୍ଡ ବନ୍ଦ କରାଯିବ ବୋଲି ସୋମବାର ସମିତି ପକ୍ଷରୁ ପ୍ରଶାସନ, ପୋଲିସକୁ ଲିଖିତ ଭାବେ ଅବଗତ କରାଯାଇଛି।

ସମିତି ପକ୍ଷରୁ କୁହାଯାଇଛି ଯେ, ତାଳଚେରରେ ଥିବା ଏମ୍‌ସିଏଲ୍, ଏନ୍‌ଟିପିସି, ଜେଆଇଟିପିଏଲ୍ ଓ କୋଲ୍ ୱାସେରୀରୁ କମ୍ପାନୀମାନେ ହଜାର ହଜାର କୋଟି ଟଙ୍କା ଲାଭ କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ଏଠାରୁ ବିପୁଳ ପରିମାଣର ରାଜସ୍ୱ ପାଉଛନ୍ତି। କିନ୍ତୁ ଶିଳ୍ପାନୁଷ୍ଠାନ ଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଇନକୁ ଠିକ ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ଏଥିଯୋଗୁ ତାଳଚେର ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାଳଚେର ମେଡିକାଲ୍ କଲେଜକୁ କାର୍ଯ୍ୟକ୍ଷମ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି । ଗତ ସେପ୍ଟେମ୍ବର ୨୨ ଓ ଅକ୍ଟୋବର ୧ରେ ଉପରୋକ୍ତ ଦୁଇ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସମିତି ପକ୍ଷରୁ ପଠାଯାଇଥିଲା। କିନ୍ତୁ ଦାବି ପୂରଣ ଦିଗରେ ଏ ଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସମିତି ଆସନ୍ତା ୪ ଜାନୁଆରୀ ୨୦୧୯ରେ ତାଳଚେର ଉପଖଣ୍ଡରେ ୧୨ ଘଣ୍ଟିଆ ବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ସୋମବାର ପୂର୍ବାହ୍ନରେ ସମିତି ସଦସ୍ୟମାନେ ତାଳଚେର ଉପଜିଲାପାଳଙ୍କୁ ଏ ନେଇ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ସମିତି ସଦସ୍ୟ ପଦ୍ମ ଚରଣ ସାମଲ, ବାଉରୀବନ୍ଧୁ ବେଜ୍, ସୁରେଶ ଚନ୍ଦ୍ର ସାମଲ, ରାଜ କିଶୋର ସାହୁ, ଜୟସେନ୍ ମେହେର, ବିପିନ ବିହାରୀ ଦାସ, ବିନୋଦ ଲାଲ୍, ଆନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସଞ୍ଜୟ କୁମାର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ସମିତି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## କାର୍ତ୍ତିକେଶ୍ୱର ପୂଜାରେ ବଇଣ୍ଡା ଚଳଚଞ୍ଚଳ



ବଇଣ୍ଡା,୧୯।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବଇଣ୍ଡା ଶିବ ମନ୍ଦିର ପରିସରରେ ସୋମବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଏଥିପାଇଁ ବଇଣ୍ଡା ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ବଇଣ୍ଡା ଚନ୍ଦନ ପୋଖରୀରୁ କଳସରେ ପାଣି ଅଣାଯିବା ପରେ ପୂଜା ଆରମ୍ଭ ହୋଇଥିଲା। ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ସୁସଜ୍ଜିତ ତୋରଣରେ ମଣ୍ଡପ ଝଲସି ଉଠୁଛି। ପୂଜା ଅବସରରେ ୨ଦିନ ଧରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଏଥିରେ କମିଟିର ସଞ୍ଜୟ ସାହୁ, ପ୍ରତାପ ପ୍ରଧାନ, ରମାକାନ୍ତ ବେହେରା, ସନ୍ତୋଷ ସାହୁ, ଅନିଲ ବେହେରା, ଜଳଧର ସାହୁ, ଦୀପକ ଟିବ୍ରୁୱାଲା, ଦିଲୀପ କୁମାର ବେହେରା, ମିଟୁ ବେହେରାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

## ଭାଜପାର ଜନ ପରାମର୍ଶ ପଦଯାତ୍ରା



ଭାଜପା କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

ଛେଣ୍ଡିପଦା,୧୯।୧୧
(ଡି.ଏନ.ଏ./ସ୍ୱ.ପ୍ର.)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳିର କରଡାଗାଡିଆ ଓ ବାଗଡିଆ ପଞ୍ଚାୟତରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ଦଳ ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପରେ କରଡାଗାଡିଆ ଠାରୁ ପଦଯାତ୍ରା ଆରମ୍ଭ ହୋଇ କୁଶାସିଂହା ଓ ପରତରା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପୂଜାରୀ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ କେନ୍ଦ୍ର ସରକାଙ୍କର ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଅପରାହ୍ନରେ ବାଗଡିଆ ପଞ୍ଚାୟତ ପରିକ୍ରମା କରିଥିଲେ। ପ୍ରଭାରୀ ଚୌଧୁରୀ ପ୍ରଧାନ, ରାଜ୍ୟ ଏସ୍‌ସି ମୋର୍ଚ୍ଚା ସମ୍ପାଦକ ସଞ୍ଜୟ ନାଏକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ନାଏକ, ଗୋବିନ୍ଦ ନାଏକ, ତ୍ରିଲୋଚନ ବେହେରା, ରୋଜାଲିନ ଦାଶ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ହିଙ୍ଗୁଳା କ୍ଲବ ବାର୍ଷିକ ଉତ୍ସବ

ତାଳଚେର,୧୯।୧୧(ନି.ପ୍ର.)

ତାଳଚେର ହିଙ୍ଗୁଳା କ୍ଲବର ୪୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧକ୍ଷ ବୃନ୍ଦାବନ ବେହେରା, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ସ୍ଥାୟୀ ସଭାପତି ରବି ନାରାୟଣ ପାଣି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ୨୦୧୯ରେ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଧୁମ୍‌ଧାମରେ ପାଳନ ହେବ ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହି ଅବସରରେ ୨୦୧୮ ପାଇଁ ବେଷ୍ଟ ସିଙ୍ଗର ଭାବରେ ଚିରଞ୍ଜୀବ ବାରିକ୍, ବେଷ୍ଟ ଡ୍ୟାନସର ତଥା କଲଚରାଲ ଚାମ୍ପିୟନ ଭାବେ ମନୋଜ କୁମାରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଫ୍ୟାଶନ ଶୋ' ଚାମ୍ପିୟନ୍ ଭାବେ ଶ୍ରଦ୍ଧା ସୁମନ ପଣ୍ଡା ପୁରସ୍କୃତ ହୋଇଥିଲେ। କ୍ଲବ ସାଂସ୍କୃତିକ ସମ୍ପାଦକ ପ୍ରକାଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ବେହେରା, ଦୀପକ ରାଉତ, ନିଶାକର କୁଅଁର, ସିଦ୍ଧେଶ୍ୱର କୁଅଁର, ଅଜୟ ଦାସ୍, ଝାନି ତୁଙ୍ଗ, ସର୍ବେଶ୍ୱର କୁଅଁର ପ୍ରମୁଖ ସହଯୋଗ କରିଥିଲେ।

## ■କୋଲ୍ କଞ୍ଜୁମର ସଂଘର ଦାବି

# ଟ୍ରକ୍‌କୁ ପର୍ଯ୍ୟାପ୍ତ କୋଇଲା ଯୋଗାଣ ହେଉ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘ ସଦସ୍ୟମାନେ।

ତାଳଚେର,୧୯।୧୧(ନି.ପ୍ର.)

ଟ୍ରକ୍‌ରେ ପର୍ଯ୍ୟାପ୍ତ କୋଇଲା ଯୋଗାଣ ଦାବିରେ ସୋମବାର ତାଳଚେର କୋଲ୍ କଞ୍ଜୁମର ସଂଘ ପକ୍ଷରୁ ସ୍ଥାନୀୟ ପ୍ରଶାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ସଂଘ ଦର୍ଶାଇଛି ଯେ, ତାଳଚେରରେ ୫ ହଜାର ଟ୍ରକ୍ ରହିଛି । ୨ ହଜାର ବେକାର ଯୁବକ, କ୍ଷତିଗ୍ରସ୍ତ ମାନେ ଟ୍ରକ୍ ବେପାର ଉପରେ ନିର୍ଭର କରିଥାନ୍ତି। ଗତ ୨୦ ବର୍ଷ ହେଲା ଏମାନେ ଟ୍ରକ୍‌ରେ କୋଇଲା ପରିବହନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଇ-ଅକ୍ସନ ଓ ଲିଙ୍କେଜ ମାଧ୍ୟମରେ କିଛି ମାସ ହେଲା ବିଭିନ୍ନ ଖଣିରୁ ଟ୍ରକ୍‌ରେ ପରିବହନ ପାଇଁ ଦିଆଯାଉ ଥିବା କୋଇଲା ପରମାଣ କମିବାରେ ଲାଗିଛି। ୨୦୧୯ ଜାନୁୟାରୀରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହେବା ଆଶଙ୍କା ଦେଖାଦେଲାଣି। ଏହା ଦ୍ୱାରା ଶହ ଶହ ଟ୍ରକ୍ କାମ ପାଇବେ ନାହିଁ। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସ୍ୱଟ ଇ-ଅକ୍ସନ ଓ ଲିଙ୍କେଜ କରି ସ୍ଥାନୀୟ ଟ୍ରକ୍‌ଗୁଡ଼ିକୁ କୋଇଲା ଯୋଗାଣ ପାଇଁ ଏମସିଏଲ୍‌କୁ ନିର୍ଦ୍ଦେଶ ଦେବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଅନ୍ୟଥା ଆଗାମୀ ୨୧ରୁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଥିବା ସଂଘର ବରିଷ୍ଠ ସଦସ୍ୟ କ୍ଷୀରୋଦ ସାହୁ, ଶରତ ଚନ୍ଦ୍ର ନାୟକ, ସାରଙ୍ଗଧର ଖଣ୍ଡୁଆଳ, ଦୁର୍ଗାଚରଣ ସାହୁ, କଲ୍ୟାଣ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

# ରାସ୍ତାପାର୍ଶ୍ୱରୁ ଗୁରୁତର ଅବସ୍ଥାରେ ବୃଦ୍ଧ ଉଦ୍ଧାର

ବଇଣ୍ଡା, ୧୯।୧୧(ଡି.ଏନ.ଏ.)

■ଡାକ୍ତରଖାନା ପଠାଇଲେ ସ୍ଥାନୀୟ ଗ୍ରାମବାସୀ
■ବିଦ୍ୟୁତ୍ ଫାଶରେ ପଡିଥିବା ପୋଲିସର ସୂଚନା
■ଏସିଡ୍ ମାଡ଼ କରାଯାଇଥିବା କହିଲେ ପୀଡିତ

ଅନୁଗୋଳ ଜିଲା ଆଠମଲ୍ଲିକ ବନ୍ତୁଲୁ ଗ୍ରାମରୁ ସୋମବାର ସକାଳେ ଜଣେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଆହତ ଜଣକ ଶୁକ୍ରୁ ମାଝି(୫୫) ଓ ଘର ପୁରୁଣାକୋଟ ଥାନା ରଡିସିଙ୍ଗା ଗ୍ରାମରେ ବୋଲି ଜଣାପଡିଛି। ତାଙ୍କୁ ଗ୍ରାମବାସୀ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡି ସେ ଗୁରୁତର ହୋଇଥିବା ପୋଲିସ କହୁଥିବାବେଳେ ତାଙ୍କ ଉପରେ ଏସିଡ୍ ମାଡ଼ ହୋଇଥିବା ଶୁକ୍ରୁ ଅଭିଯୋଗ କରିଛନ୍ତି।

ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ଶୁକ୍ରୁ ଅନୁଗୋଳରେ ଘର ଭଡା ନେଇ ପରିବାର ସହ ରହୁଛନ୍ତି। ସେ ପାଇକସାହିର କୁଡାସାହିରେ ବିବାହ କରିଛନ୍ତି। ୨୦ ବର୍ଷ ତଳେ ବରହ୍ମସ୍ଥିତ ତାଙ୍କ ମାମୁ ଘରକୁ ପୁଅ ହୋଇଆସିଥିଲେ। ଅନୁଗୋଳର ଏକ ଶିକ୍ଷାନୁଷ୍ଠାନରେ ଶୁକ୍ରୁ ସୁଇପର ଅଛନ୍ତି। ରବିବାର ସେ ମାମୁ ଘରକୁ ବୁଲିବାକୁ ଆସିଥିବାବେଳେ ୪ ଜଣ ସାଙ୍ଗଙ୍କ ସହ ମଦ୍ୟପାନ କରି ନୁହୁରାପଦା ଜଙ୍ଗଲ ଅଭିମୁଖେ ଯାଇଥିଲେ। ତେବେ ଉକ୍ତ ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଶୁକ୍ରୁ ପଡିଯାଇଥିଲେ। ତାଙ୍କ ଶରୀରର ପାୟ ୭୦ ଭାଗ ପୋଡିଯାଇଛି। ଗୁରୁତର ଅବସ୍ଥାରେ ସହଯୋଗୀମାନେ ତାଙ୍କୁ ବନ୍ତୁଲୁ ଗ୍ରାମ ରାସ୍ତାରେ ଛାଡି ଦେଇ ପଳାଇଥିଲେ। ଅପରପକ୍ଷରେ ବରହ୍ମ ଗ୍ରାମରେ ଜମିବାଡି ସମସ୍ୟାକୁ ନେଇ ତାଙ୍କ ଉପରେ ଏସିଡ୍ ମାଡ଼ କରାଯାଇଥିବା ଶୁକ୍ରୁ କହିଛନ୍ତି। ହେଲେ ବରହ୍ମ ଗ୍ରାମରେ ଜମିବାଡ଼ି ସଂକ୍ରାନ୍ତରେ କୌଣସି ବିବାଦ ନ ଥିବା ପୋଲିସ କହିଛି। ତେବେ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିଛି ଦିନ ହେଲା ଏହି ଅଞ୍ଚଳଗୁଡିକରେ ବନ୍ୟଜନ୍ତୁ ଶିକାର ପାଇଁ ବସା ଯାଉଥିବା ବିଦ୍ୟୁତ୍ ଫାଶ ଯୋଗୁ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ■ନାକିଚିରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୮୬ ପ୍ରକଳ୍ପକୁ ୫ କୋଟି

ବଇଣ୍ଡା,୧୯।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ବଡ଼ ଡଙ୍ଗିଆଣି ଗ୍ରାମ ଖେଳ ପଡ଼ିଆଠାରେ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ ସୋମବାର 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପରେ ବ୍ଲକର ୨୩ ପଞ୍ଚାୟତରେ ୧୮୬ ପ୍ରକଳ୍ପର ନିର୍ମାଣ ନିମନ୍ତେ ୫ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ସାଧାରଣଙ୍କୁ କହିଲେ, ଗ୍ରାମର ବିକାଶ ପାଇଁ ସରକାର ସବୁବେଳେ ତତ୍ପର। କିଶୋରନଗରର ବିକାଶ ପାଇଁ ୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତୁରନ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଗ୍ରାମର ବିକାଶ ବିନା ଦେଶର ବିକାଶ ସମ୍ଭବ ନୁହେଁ। ଓଡ଼ିଶାର ସମସ୍ତ ଗ୍ରାମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ କରିଛନ୍ତି। ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେଇ ଯୋଜନା ସଫଳ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ବିଜେଡି ଶାସନ ସମୟରେ କିଶୋରନଗର ବ୍ଲକରେ ସରକାରୀ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଉଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ଅଧିକାରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରୀଶ ରଥ, ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ, କିଶୋରନଗର ବିଡ଼ିଓ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା, କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ କୁମାର ମାଝି, ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ସିଡିପିଓ ସୁବାସିନି ମହାଳିକ, ରଣିଆକଟା ସରପଞ୍ଚ ଅନିତା ଦାସଙ୍କ ସମେତ ବହୁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସମିତି ସଭ୍ୟ, ସରପଞ୍ଚ ଯୋଗ ଦେଇଥିଲେ। ଆଠମଲ୍ଲିକ ଲୋକ ସମ୍ପର୍କ ସୂଚନା ଅଧିକାରୀ ସର୍ବେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧଉରାପାଲି ସରପଞ୍ଚ ପ୍ରତିଭା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବଇଣ୍ଡା ଅଞ୍ଚଳର ପାଲା ଗାୟକ ଜଗତମୋହନ ମିଶ୍ର ଓ ସହଯୋଗୀମାନେ ପ୍ରାରମ୍ଭରେ ପାଲା ପରିବେଷଣ କରିଥିଲେ।




ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଜନ ପ୍ରତିନିଧିମାନେ।

# ମୁକୁଳା ପଡ଼ିଛି ନାଲ୍‌କୋ ରେଲ୍‌ୱେ ଫାଟକ

**ବଅଁରପାଳ,୧୯।୧୧ (ଡି.ଏନ୍.ଏ)**



- ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ
- ବଢ଼ୁଛି ଦୁର୍ଘଟଣା, ସମାଧାନ ଦାବି

ନବରତ୍ନ ପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ କଞ୍ଚାମାଲ ପରିବହନ କରିବା ପାଇଁ ନିଜସ୍ୱ ରେଳଧାରଣା ନିର୍ମାଣ କରିଛି। ହେଲେ ପାରିପାର୍ଶ୍ୱିକ ଗ୍ରାମ ଦେଇ ଯାଇଥିବା ରେଳ ଧାରଣାଠାରେ ପ୍ରକଳ୍ପ ପକ୍ଷରୁ ଫାଟକ ନିର୍ମାଣ କରାଯାଇନାହିଁ। ଫଳରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି। ଏପରିକି ଫାଟକବିହୀନ ରେଳଧାରଣାଠାରେ ଅନେକ ଦୁର୍ଘଟଣା ଘଟିସାରିଥିଲେ ମଧ୍ୟ ପ୍ରକଳ୍ପ ଅଧିକାରୀ ଚେତୁ ନ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

୧୯୮୪ ମସିହାରୁ ନାଲ୍‌କୋ କଞ୍ଚାମାଲ ପରିବହନ ପାଇଁ ନିଜସ୍ୱ ରେଳଧାରଣା ନିର୍ମାଣ କରିଛି। ଟ୍ରେନ ଯୋଗେ କୋଇଲାଠାରୁ ଆରମ୍ଭ କରି ଆଲୁମିନା ପାଉଡ଼ର ସମେତ ବିଭିନ୍ନ କଞ୍ଚାମାଲ ନାଲକୋ ସ୍ମେଲଟର ଓ ସିପିପିକୁ ପରିବହନ ହୋଇଥାଏ। ଏଥିପାଇଁ ପ୍ଲାଣ୍ଟ ଏହାର ନିଜସ୍ୱ ରେଳଧାରଣା ନିର୍ମାଣ କରିଛି। ଏହି ରେଳ ଧାରଣା ବୁଢ଼ାପଙ୍କ, ଅପର୍ତିପୁର, ଗାଡ଼ରଖାଇ, ବଳରାମପ୍ରସାଦ, ଟେଣ୍ଟୁଲୋଇ, ଗୋତମରା, ବଅଁରପାଳ, ପିଙ୍ଗୁଆ, କୁକୁଡ଼ାଙ୍ଗ, ଗୋବରା, କର୍ଣ୍ଣପୁର ଆଦି ବିଭିନ୍ନ ଗ୍ରାମଦେଇ ନାଲ୍‌କୋକୁ ଆସିଛି। ଉକ୍ତ ରେଳଧାରଣାର ଉଭୟ ପାର୍ଶ୍ୱରେ ବହୁ ଗ୍ରାମ ରହିଛି। ଲୋକେ ରେଳଧାରଣା ପାର ହୋଇ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବାବେଳେ ବନ୍ଧା, ଗାଡ଼ରଖାଇ, ଗୋତମରା, ବୁଢ଼ାପଙ୍କ, ଅପର୍ତିପୁର, ଟେଣ୍ଟୁଲେଇ, ବଅଁରପାଳ, ପିଙ୍ଗୁଆ ଆଦି ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ରେଲ୍‌ୱେ ଫାଟକ ମୁକୁଳା ହୋଇ ପଡ଼ିଛି। ସେହିପରି ଫାଟକ ଥିବା ସ୍ଥାନରେ ମଧ୍ୟ ଜଗୁଆଳ ନ ଥିବା ଜଣାପଡ଼ିଛି। ଫାଟକ ନ ଥିବା ଯୋଗୁ ଉକ୍ତ ରେଳଧାରଣା ପାର୍ ହେଉଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଉଛି। ସେହିପରି ବୁଢ଼ାପଙ୍କର ହାଇସ୍କୁଲ, ବୃନ୍ଦାବନପୁର, ଅପର୍ତ୍ତିପୁର, ଗାଁ ମୁଖ୍ୟ ରାସ୍ତା ନିକଟ ଓ ବାଉତି ଠାକୁରାଣି ନିକଟରେ ଯାଇଥିବା ରେଳଧାରଣାର ଲେବୁଲ୍ କ୍ରସିଙ୍ଗ୍‌ର ଏପର୍ଯ୍ୟନ୍ତ ଫାଟକ ନିର୍ମିତ ହୋଇପାରିନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। କୋଟି କୋଟି ଟଙ୍କା ଲାଭ କରୁଥିବା ଏହି କମ୍ପାନୀ ଫାଟକ ନ କରି ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁକୁଡ଼ାଙ୍ଗର ପୂର୍ବତନ ସରପଞ୍ଚ ଅମିୟ ତ୍ରିପାଠୀ, ବୁଢାପଙ୍କ ସରପଞ୍ଚ ଉତ୍ସବ ଦେହୁରୀ କୁହନ୍ତି, ନାଲକୋ ବିଭିନ୍ନ ଗ୍ରାମଦେଇ ତାର ନିଜସ୍ୱ ରେଳ ଧାରଣା ନିର୍ମିତ କରିଛି। ଏହାର ମରାମତି ଓ ଟ୍ରେନ ଚଳାଚଳର ସମସ୍ତ ବ୍ୟବସ୍ଥା ପାଇଁ ନାଲ୍‌କୋ ଏକ ଠିକା ସଂସ୍ଥାକୁ ନିୟୋଜିତ କରିଛି। ହେଲେ ଅନେକ ସ୍ଥାନରେ ଏ ପର୍ଯ୍ୟନ୍ତ ଫାଟକ ନିର୍ମାଣ ହୋଇନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତୁରନ୍ତ କର୍ତ୍ତୃପକ୍ଷ ସମସ୍ତ ଲେଭଲ କ୍ରସିଙ୍ଗରେ ଫାଟକ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ଫାଟକ ନ ଥିବା ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ରେଲ୍‌ୱେ ଆଇନ ଅନୁଯାୟୀ ବିଭିନ୍ନ ସ୍ଥାନରେ ଫାଟକ ନିର୍ମାଣ କରାଯିବ ବୋଲି ନାଲ୍‌କୋର ଜନୈକ ଉଚ୍ଚ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

## ଢାବାରୁ ମଦ ଜବତ, ୨ ଗିରଫ



ଚଢ଼ାଉ ପାଇଁ ଯାଇଥିବା ପୋଲିସ ଟିମ୍।

**ତାଲଚେର,୧୯।୧୧(ନି.ପ୍ର.)**

ତାଲଚେର ପୋଲିସ ରବିବାର ରାତିରେ କେତେକ ଢାବା, ରେମୁଆ ଓ ସନ୍ଥପଡା ଅଞ୍ଚଳରେ ଚଢାଉ କରି ୬୫ ଲିଟର ଦେଶୀ ଓ ୮୦ ବୋତଲ ବିଦେଶୀ ମଦ ଜବତ କରିଛି। ପଞ୍ଜାବୀ ଢାବା ମାଲିକ ଦଲଜିତ ସିଂହ, ନବ ଢାବା ମାଲିକ ବାବୁଲି ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୩୩୯, ୩୪୦, ୩୪୧ ଓ ୩୪୨ରେ ୪ଟି ମାମଲା ରୁଜୁ କରାଯାଇଛି। ପୂର୍ବରୁ ମଧ୍ୟ ଏସବୁ ଢାବା ଉପରେ ପୋଲିସ ଚଢାଉ କରିଥିଲା। ଏହା ସତ୍ତ୍ୱେ ସେଠାରେ ମଦ କାରବାର ଚାଲି ଆସିଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ସୌଭାଗ୍ୟ ସ୍ୱାଇଁ,ସବ୍ ଇନ୍ସପେକ୍ଟର ଡି. ସ୍ୱାଇଁ, ଗୋଲଚାନ୍ଦ ମାଝି ଓ ଅନ୍ୟମାନେ ମିଳିତ ଭାବେ ଚଢାଉ କରିଥିଲେ।

## ସଂକ୍ଷେପରେ

### ରୋଷେଇବେଳେ ଅଗ୍ନିକାଣ୍ଡ, ମହିଳା ଗୁରୁତର



**ପାଲଲହଡ଼ା,୧୯।୧୧(ଡି.ଏନ.ଏ.):** ପାଲଲହଡା ଥାନା ସଇଡା ପଞ୍ଚାୟତ କନ୍ତଲା ଗ୍ରାମର ଲିଲିମଣି ନାଏକ(୩୦) ରୋଷେଇ କରୁଥିବାବେଳେ ନିଆଁରେ ପୋଡି ସୋମବାର ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଘଟଣାରୁ ଜଣାପଡିଛି, ସନ୍ଧ୍ୟାରେ ଲିଲିମଣି ରୋଷେଇ କରୁଥିବାବେଳେ ନିଆଁ ତେଜ ବଢାଇବା ପାଇଁ ଚୁଲାରେ କିରୋସିନ ଢାଳିଥିଲେ। ଏହି ସମୟରେ ନିଆଁ ଉଠି ଘର ଚାଳରେ ଲାଗି ଯାଇଥିଲା। ଫଳରେ ଘରେ ଥିବା ଲିଲିମଣି ପୋଡି ହୋଇ ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ପାଲଲହଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ରାହାସ ଭାଡ଼ି ଉଦ୍‌ଘାଟିତ

**ଛେଣ୍ଡିପଦା,୧୯।୧୧(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ଜରପଡା ବେହେରା ସାହି ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ନବ ନିର୍ମିତ ରାହାସ ଭାଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମ ସଭାପତି ଚୌଧୁରୀ ବେହେରା, ସମ୍ପାଦକ ନେଙ୍କୁରୀ ଦାସ, ରମେଶ ବେହେରା, ବୀରେନ୍ଦ୍ର ଦାସ, ସନାତନ ଦାସ, ମନୋଜ ବେହେରା, ତ୍ରିନାଥ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ରାହାସ ଭାଡି ପାଇଁ କୌଣସି ସରକାରୀ ଅନୁଦାନ ମଞ୍ଜୁର ହୋଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ନିଜସ ପାଣ୍ଠି ଏବଂ ଶ୍ରମଦାନରେ ଏହା ନିର୍ମାଣ କରାଯାଇଥିବା ଗ୍ରାମ ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

**ଆନନ୍ଦପୁର,୧୯।୧୧(ସ୍ୱ.ପ୍ର.):** ୨୦ ନଂ ଜାତୀୟ ରାଜପଥ ଘସିପୁରା ଥାନା କୋଲିମାଟିଠାରୁ ପ୍ରାୟ ୨ କି.ମି. ଦୂରରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜଣେ ଯୁବତୀଯୁବକ ଗୁରୁତର ହୋଇଛନ୍ତି। ଖବର ପାଇ ଘଟଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟଙ୍କୁ ଆମ୍ବୁଲାନସ୍ ଡକାଇ ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଦୁଇ ଜଣ ଯାଜପୁର ଅଞ୍ଚଳର ବୋଲି ଜଣାପଡିଛି। ଉଭୟ ତାରିଣୀ ଦର୍ଶନ ସାରି ଓଡି୩୪ସି-୦୫୨୯ ପଲସର୍‌ରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡିଥିଲେ।

### ମଦ ଜବତ, ୫ ଗିରଫ

**ପାଟଣା/ ହାଟଡିହୀ,୧୯।୧୧(ସ୍ୱ.ପ୍ର.):** ପାଟଣା ବ୍ଲକ କେନ୍ଦେଇ ପଶି ପଞ୍ଚାୟତ ସିଲିଦା ଗ୍ରାମର ଲକ୍ଷ୍ମୀଧର ସେଠୀ ନାମକ ଜଣେ ଯୁବକଙ୍କୁ ବିଦେଶୀ ମଦ କାରବାର ଅଭିଯୋଗରେ ଶନିବାର ତୁରୁମୁଙ୍ଗା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ନିଜ ଫାଷ୍ଟଫୁଡ଼ ଦୋକାନରେ ବିଦେଶୀ ମଦ ରଖି ବ୍ୟବସାୟ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଖବର ପାଇ ତାଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୮/୧୮) ରୁଜୁ ହୋଇଛି। ସେହିପରି ହାଟଡିହୀ ବ୍ଲକର ବିଭିନ୍ନ ସ୍ଥାନରେ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଚୋରା ମଦ ବେପାରରେ ସମ୍ପୃକ୍ତ ୪ ଜଣ ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି ସରଳା ଗ୍ରାମର ବାବୁ ପରିଡା, ଅଢେଇଦ୍ୱାରର ପ୍ରଫୁଲ୍ଲ ବେହେରା, ଶାଳକଣିଆର ଚନ୍ଦ୍ର ମୁଣ୍ଡା ଓ ବସନ୍ତିଆର କୃଷ୍ଣ ଟୁଡୁ। ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର୍ ସନ୍ତୋଷ ପ୍ରଧାନ, ଏସଆଇ ଅଭିରାମ ବେହେରା, ଏଏସଆଇ ନରେନ୍ଦ୍ର ସାହୁ, ରେବତୀ ସାହୁ, ସଞ୍ଜୀବ ସେଠୀ, ଅନନ୍ତ ରାଜ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଏଥିସହ ଏକ ସ୍କୁଟି ମଧ ଜବତ କରାଯାଇଛି।

## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ।

**ଛେଣ୍ଡିପଦା,୧୯।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ପବିତ୍ର କାର୍ତ୍ତିକ ମାସ ଶେଷ ସୋମବାରରେ ଚଳଚଞ୍ଚଳ ହୋଇପଡିଥିଲା। ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଭିଡ଼ ଲାଗି ରହିଥିଲା। ବିଶେଷ କରି ଝିଣ୍ଟିପାଳ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ବୀରେଶ୍ୱର ମହାଦେବ ମନ୍ଦିରଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିପରି ଜରପଡାର ବାବା ଧବଳେଶ୍ୱର ଶିବ ମନ୍ଦିର, ଜେରେଙ୍ଗ ବୀରେଶ୍ୱର ମହାଦେବ ମନ୍ଦିର, କୋରଡା ସ୍ୱପ୍ନେଶ୍ୱର ଶିବ ମନ୍ଦିର, ପରା ରଣେଶ୍ୱର ମନ୍ଦିର, ଓଗୀ ମାଳିସାହି ପଶ୍ଚିମେଶ୍ୱର ଶିବ ମନ୍ଦିର, କତଡା ଶିବ ମନ୍ଦିର, ବାଲିପଟା ଭୋଳେଶ୍ୱର ମହାଦେବ ମନ୍ଦିର, କୋଶଳା ଶିବ ମନ୍ଦିର, ବ୍ରାହ୍ମଣବିଲ ଶିବ ମନ୍ଦିର, ଛେଣ୍ଡିପଦା, ବାଗେଡିଆ, ନୂଆପଡା, ମାଣକୁଟା, ଖମାର ବାଣେଶ୍ୱର ଶିବ ମନ୍ଦିର ଆଦି ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି ପରିପ୍ରେକ୍ଷୀରେ ପୁରାଣ ପାଠ, ଭାଗବତ ପାଠ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଛେଣ୍ଡିପଦା,୧୯।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ବାଲିପଟା ରଥସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସୋମବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଆଦ୍ୟାଶା ପ୍ରଧାନ(ବରିଷ୍ଠ ବର୍ଗ) ଏବଂ ଜିଲାସ୍ତରୀୟ ସୃଜନଶୀଳ ଲିଖନ ପ୍ରତିଯୋଗିତା କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସିଏନଏସ ସିଦ୍ଧାର୍ଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ଗଡନାୟକ, ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ବେହେରା, ବାଲିପଟା ହାଇସ୍କୁଲ ପ୍ରଧାନ ଶିକ୍ଷକ ପଣ୍ଡିତ ମୋହନ ଗଡନାୟକ, ସରପଞ୍ଚ ରାକେଶ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରା, ସିଆରସିସି ହାରାମ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ରାଉତ ଅତିଥି ପରିଚୟ ଦେଇଥିଲେ। ସହକାରୀ ଶିକ୍ଷକ ନିରଞ୍ଜନ ପ୍ରଧାନ, ଆଲୋକ ଜେନା, ପ୍ରଦୋଷ ସାହୁ, ରମେଶ ଦଳେଇ, ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ, ହେମାମାଳିନୀ ସାହୁ, ଦିପ୍ତିବାଳା ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ଥିଲେ।

## ପାଇଖାନା ବ୍ୟବହାର କରିବାକୁ ପରାମର୍ଶ



ଶୌଚାଳୟ ଦିବସ ପାଳନ ଅବସରରେ ଅତିଥିମାନେ।

**ଛେଣ୍ଡିପଦା,୧୯।୧୧(ଡି.ଏନ.ଏ.)**

ଛେଣ୍ଡିପଦା କଲ୍ୟାଣ ମଣ୍ଡପଠାରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତଥା ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ସୋମବାର ଶୌଚାଳୟ ଦିବସ ପାଳିତ ହୋଇଛି। ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଦିବସରେ ପାଇଖାନାର ନିୟମିତ ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ଲୋକମାନେ ନିଜ ଘରେ ପାଇଖାନା ନିର୍ମାଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ବିଦ୍ୟୁତ୍ କୁମାର ବେହେରା, କନ୍ଦର୍ପ ସାହୁ, ଜୀବିକା ମିଶନ ବିପିଏମ୍ ମାନସୀ ରାଉତ, ସଂଯୋଜକ ସଞ୍ଜୟ ସାହୁ, ବାହ୍ୟ ଜୀବିକା ସହଯୋଗୀ ପ୍ରତାପ ପ୍ରଧାନ, ବିଜୟ ବେହେରା, ନରେଶ ଚନ୍ଦ୍ର ସାହୁ, ଜ୍ୟୋସ୍ନା ସାହୁ, ବିଭବାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟରତ ମୋଟିଭେଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

- ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସମ୍ବର୍ଦ୍ଧନା

## ବୟୋଜ୍ୟେଷ୍ଠଙ୍କ ଅଭିଜ୍ଞତା ସମାଜର ପୁଞ୍ଜି

**କଣିହାଁ, ୧୯।୧୧(ଡି.ଏନ.ଏ.)**



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ବୟୋଜ୍ୟେଷ୍ଠ ଓ ସ୍ୱାସ୍ଥ୍ୟକେନ୍ଦ୍ର ପଦାଧିକାରୀ।

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୋମବାର ଡାକ୍ତରଖାନା ପରିସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଚିକିତ୍ସାକେନ୍ଦ୍ର ଅଧିକାରୀ ଡା. ସୁମନ୍ତ ପଟେଲ, ଡା. ଗୌରବ କୁମାର ମାଳି, ଆୟୁଷ ଡାକ୍ତର ଦିଲୀପ କୁମାର ପ୍ରଧଶନ, ରାକେଶ ମହାରଣା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୟ କୁମାର ବେହେରା ଯୋଗ ଦେଇ ବରିଷ୍ଠ ନାଗରିକୁଙ୍କୁ ସେମାନଙ୍କ ଜୀବନ ଚର୍ଯ୍ୟା ଉପରେ ପରାମର୍ଶ ଦେଇଥିଲେ। ବୟୋଜ୍ୟେଷ୍ଠଙ୍କ ଅଭିଜ୍ଞତା ସମାଜ ପାଇଁ ପୁଞ୍ଜି। ତେଣୁ ସେମାନଙ୍କ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବା ସମସ୍ତଙ୍କ କର୍ତ୍ତବ୍ୟ। ସେମାନଙ୍କ ପ୍ରେରଣାରେ ଏକ ସୁସ୍ଥ ପରିବାର ସହ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବ୍ୟାପକ କରାଯିବ ବୋଲି ଡା. ପଟେଲ ଓ ସାମଲ ସୂଚନା ଦେଇଛନ୍ତି।

## କ୍ୱାମୀ ଏକତା ଦିବସ ପାଳିତ



ସଭାରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଜନତା।

**କଣିହାଁ, ୧୯।୧୧(ଡି.ଏନ.ଏ.)**

ଉତ୍କଳମଣି ଗୋପବନ୍ଧୁ କ୍ଲବ ବଜ୍ରକୋଟ ଆନୁକୂଲ୍ୟରେ ସୋମବାର କ୍ୱାମୀ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ନୃସିଂହ ବରାଳ, ସମ୍ମାନିତ ଅତିଥି ଭାବେ ପର୍ଶୁରାମ ବିଶି, ବିଧାନ ଚନ୍ଦ୍ର ସାହୁ, ଗୋପାଳ ସାମଲ, ପ୍ରମୋଦ କୁମାର ସାହୁ, ଉମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଭାରେ ରମେଶ ଚନ୍ଦ୍ର ସେଠୀ, ବୀରେନ୍ଦ୍ର କୁମାର ମହାନ୍ତି, ରତନ କୁମାର ଜେନାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗ୍ରାମବାସୀ ଯୋଗ ଦେଇଥିଲେ।

## ବସନ୍ତପୁର ଟିମ୍ ଚାମ୍ପିୟନ



ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ଛେଣ୍ଡିପଦା,୧୯।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବସନ୍ତପୁର ଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ପଞ୍ଚାୟତସ୍ତରୀୟ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସନ୍ତପୁର, ଡେଉଁରିଆଝରଣ, ଘୁଣ୍ଟୁଳିପଶି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବସନ୍ତପୁର ଓ ଘୁଣ୍ଟୁଳିପଶି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବସନ୍ତପୁର ପ୍ରଥମେ ୮୯ ରନ କରିଥିଲା। ଜବାବରେ ଘୁଣ୍ଟୁଳିପଶି ୫୫ ରନ କରି ପରାସ୍ତ ହୋଇଥିଲା। ପଞ୍ଚାୟତ ଯୁବ ବାହିନୀ ସଭାପତି ସୌମ୍ୟରଞ୍ଜନ ଦେହୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀକାନ୍ତ ଦେହୁରୀ ଓ ଯୁବବାହିନୀର ବ୍ଲକ ସଭାପତି ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ବାହିନୀର ସମ୍ପାଦକ ଜୁନେଶ ସାହୁ, କୋଷାଧ୍ୟକ୍ଷ ସିପୁନ ବିଶ୍ୱାଳଙ୍କ ସମେତ ବିଜୁ ଯୁବ ବାହିନୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

### ଡାକ୍ତର ନାହାନ୍ତି, ରୋଗୀ ହନ୍ତସନ୍ତ

**ହାଟଡ଼ିହୀ, ୧୯।୧୧**

ହାଟଡ଼ିହୀ ସରକାରୀ ଡାକ୍ତରଖାନାରେ ଆଜକୁ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା କୌଣସି ଡାକ୍ତର ନିଯୁକ୍ତି ହୋଇ ନାହାନ୍ତି। ରୋଗୀଙ୍କୁ ଆନନ୍ଦପୁର କିମ୍ବା ଭଦ୍ରକ ଯିବାକୁ ପଡୁଛି। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କୌଣସି ସୁଫଳ ମିଳି ପାରିନାହିଁ। ହାଟଡ଼ିହୀ ବିକାଶ ପରିଷଦ ତରଫରୁ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦାବି ନେଇ ତହସିଲ ଆଗରେ ଗଣଧାରଣା ଦିଆଯାଇଥିଲା। ସେହି ସମୟରେ ଆନନ୍ଦପୁର ଉପଜିଲାପାଳ ପହଞ୍ଚି ଡାକ୍ତର ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ହେଁ କୌଣସି ଡାକ୍ତର ଡାକ୍ତରଖାନାରେ ନିଯୁକ୍ତି କରାଯାଇନି। ଏ ନେଇ ଜନ ଅସନ୍ତୋଷ ତୀବ୍ର ହେଉଛି। ଡାକ୍ତର ନିଯୁକ୍ତି ନେଇ ପଦକ୍ଷେପ ନ ନିଆଗଲେ ହାଟଡ଼ିହୀ ବିକାଶ ମଞ୍ଚ ତରଫରୁ ଆନ୍ଦୋଳନ ତୀବ୍ର ହେବ ବୋଲି ମଞ୍ଚର ସଭାପତି ନିତ୍ୟାନନ୍ଦ ପହୀ ଓ ସମ୍ପାଦକ ସନାତନ ଜେନା ଦୃଢ଼ ଚେତାବନୀ ଦେଇଛନ୍ତି।

## ଖାଲଖମାରେ ଭର୍ତ୍ତି ରାଜପଥ

**ପାଲଲହଡ଼ା, ୧୯।୧୧(ଡି.ଏନ.ଏ.)**

### ବିକାଶ ମଞ୍ଚ ପକ୍ଷରୁ ଥାନାରେ ଅଭିଯୋଗ



ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଉଛି।

ପାଲଲହଡ଼ା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଏବେ ଦୋହରୀକରଣ କାର୍ଯ୍ୟ ଚାଲିଛି। ତେବେ ପୁରୁଣା ରାସ୍ତାର ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହୋଇଥିଲେ ହେଁ ଏ ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଫଳରେ ଏହି ରାସ୍ତା ଦେଇ ଯିବାଆସିବା କରିବା କଷ୍ଟକର ହୋଇପଡିଛି। ଉକ୍ତ ରାସ୍ତାରୁ ଉଡୁଥିବା ଧୂଳିଧୂଆଁରେ ପାଲଲହଡ଼ା ଉପଖଣ୍ଡ କନ୍ତଲା ଛକଠାରୁ ଫପଣ୍ଡ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ରହୁଥିବା ଗ୍ରାମବାସୀ ଅତିଷ୍ଠ ହୋଇପଡୁଛନ୍ତି। ଏ ନେଇ ପଲଲହଡା ବିକାଶ ମଞ୍ଚର ପକ୍ଷରୁ ସୋମବାର ପାଲଲହଡ଼ା ଥାନାରେ ଅଭିଯୋଗ କରାଯାଇଛି। ତୁରନ୍ତ ରାସ୍ତା ଦୋହରୀକରଣ ସହ ପୁରୁଣାରାସ୍ତା ମରାମତି କାମ ସାରିବାକୁ ମଞ୍ଚ ଦାବି କରିଛି। ଏଥିସହ ଜାତୀୟ ରାଜପଥ ବିଭାଗ ଅଧିକାରୀ ଓ ଦୋହରୀକରଣ କାମ କରୁଥିବା ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଧ୍ୟ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜପଥ ଅବରୋଧ କରାଯିବ ବୋଲି ମଞ୍ଚ ସଭାପତି ମନୋଜ କୁମାର ସାହୁ ଚେତାବନୀ ଦେଇଛନ୍ତି। ମନୋଜ କୁମାର ଖୁଣ୍ଟିଆ, ଗଣେଶ୍ୱର ଗାଙ୍ଗୁ, ଅନିଲ କୁମାର ପ୍ରଧାନ, ଭୀମସେନ ମାଝୀ ପ୍ରମୁଖ ଅଭିଯୋଗ ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

■ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

### ଭାଗନେଲେ ୧୦୪ ପ୍ରତିଯୋଗୀ

ଭୁବନ, ୧୯।୧୧(ଡି.ଏନ.ଏ.)- ଢେଙ୍କାନାଳ ଜିଲା ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସୋମବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା। ଏଥିରେ ଜିଲାର ବିଭିନ୍ନ ବ୍ଲକର ୧୦୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ସହ ସାମିଲ ହୋଇଛନ୍ତି ୧୬ଜଣ ସ୍କୁଲ ମ୍ୟାନେଜର ଏବଂ ୨୦ ଜଣ ଅଫିସିଆଲ। ପ୍ରଥମ ଦିନରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୩୦୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ସଟ୍‌ପୁଟ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇ କହିଲେ, ଜିଲାରେ କ୍ରୀଡ଼ା ପ୍ରତିଭାଙ୍କ ଅଭାବ ନାହିଁ। ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ାରେ ଏଠାକାର ଖେଳାଳିମାନେ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ଏ କ୍ଷେତ୍ରରେ ମହିଳା କ୍ରୀଡ଼ାବିତ୍ ମଧ ପଛରେ ନାହାନ୍ତି। ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ନୂତନ ପ୍ରତିଭାକୁ ପ୍ରୋତ୍ସାହିତ କରିବ। ଖେଳୁଆଡ଼ ମନୋଭାବ ନେଇ ସମସ୍ତ କ୍ରୀଡ଼ାବିତ୍ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ବ୍ଲକ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଶାରୀରିକ ଶିକ୍ଷା ନିରୀକ୍ଷକ ସୌଦାମିନୀ ଦାସ ମଞ୍ଚାସୀନ ଥିଲେ। କ୍ରୀଡ଼ା ଶିକ୍ଷକ ବିପନ ବିହାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ ରହିଛି। ଶେଷ ଦିବସରେ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯିବ। ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ଯିବେ ବୋଲି ଡିଇଓ ସୂଚନା ଦେଇଛନ୍ତି।

■ଶରତରାସରେ କମ୍ପୁଛି କାନପୁରା

# ଗ୍ରାମବାସୀ ବଞ୍ଚାଇ ରଖିଛନ୍ତି ସଂସ୍କୃତି

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୧୯।୧୧

ଧର୍ମମାସ କାର୍ତ୍ତିକ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଓଡ଼ିଶାର ପୁରପଲ୍ଲୀରେ ରହିଛି ଏହାର ସ୍ୱତନ୍ତ୍ରତା। ବ୍ରତଧାରୀମାନେ ମାସତମାମ ସାତ୍ତ୍ୱିକ ଆହାର ଖାଇ ନିଷ୍ଠାରସହ ଦେବଦେବୀଙ୍କ ପୂଜାର୍ଚ୍ଚନାରେ ଦିନ କାଟିଥାନ୍ତି। ହବିଷିଆଳିମାନେ ରାଧାଗୋବିନ୍ଦଙ୍କ ଆରାଧନାରେ ନିମଗ୍ନ ରହି ପୁରାଣପାଠ ସହ କରିଥାନ୍ତି ସ୍ୱତନ୍ତ୍ର ପୂଜା। ଏହାକୁ ବାଦ୍‌ଦେଲେ ଧର୍ମମାସ କାର୍ତ୍ତିକରେ ଅନ୍ୟ ଏକ ପ୍ରାଚୀନ ପରମ୍ପରା ହେଉଛି ଶରତରାସ। ଏହାକୁ ଅଧିକାଂଶ ଗ୍ରାମାଞ୍ଚଳରେ ଧୁମ୍‌ଧାମରେ ପାଳନ କରାଯାଉଛି। ହେଲେ ଭିନ୍ନ ପରମ୍ପରା ଲାଗି କାମାକ୍ଷାନଗର ବ୍ଲକ କାନପୁରାରେ ପାଳିତ ହେଉଥିବା ଶରତରାସ ମହୋତ୍ସବ ଢେଙ୍କାନାଳ ଜିଲାରେ ଛାଡ଼ିଛି ସ୍ୱତନ୍ତ୍ର ଛାପ।

କାନପୁରା ଗ୍ରାମବାସୀଙ୍କ ଲାଗି ଶରତରାସ କେବଳ ପୂଜା କି ପରମ୍ପରା ମଧ୍ୟରେ ସୀମିତ ହୋଇ ରହିନାହିଁ, ଅଧିକନ୍ତୁ ଏହା ପାଲଟିଛି ଏକତାର ପ୍ରତୀକ। ପଞ୍ଚକ ଅବସରରେ ଆରମ୍ଭ ହେଉଥିବା ଏହି ପୂଜାରେ ଗ୍ରାମର ୫୦୦ ପରିବାର ସାମିଲ ହେଉଥିବାବେଳେ ଏହାକୁ ନେଇ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ବାତାବରଣ।

ଅଞ୍ଚଳର ବୟସ୍କ ଲୋକଙ୍କ କହିବା ଅନୁଯାୟୀ, କାନପୁରା ଶରତରାସ ୭୨ରୁ ଊର୍ଦ୍ଧ୍ୱ ବର୍ଷ ଧରି ପାଳିତ ହୋଇ ଆସୁଥିବା ନିଆରା ପରମ୍ପରା। ଗ୍ରାମର ପ୍ରତି ସାହିବାସୀ ଏହାକୁ ନିଷ୍ଠାର ସହ ପାଳନ କରିଥାନ୍ତି। ଦ୍ୱାପର ଯୁଗରେ ରାଧା-କୃଷ୍ଣ ଏବଂ ଗୋପାଙ୍ଗନାଙ୍କ ଶାଶ୍ୱତ ପ୍ରେମର ଭାବଧାରା ଶରତରାସ ଭାବେ ପୁରାଣ ବର୍ଣ୍ଣିତ। କାର୍ତ୍ତିକ ମାସରେ ଶରତରାସ କରାଗଲେ ସମସ୍ତଙ୍କ ମଙ୍ଗଳ ହେଉଥିବା ବିଶ୍ୱାସ ରହିଛି। ତେଣୁ ସବୁ ବର୍ଗର ଲୋକେ ଏଥିରେ ସାମିଲ ହୋଇଥାନ୍ତି। ଗ୍ରାମରେ ଛାମୁଣ୍ଡିଆ କରି ଧାରାକୃଷ୍ଣଙ୍କ ଯୁଗଳ ଫଟୋ ରଖି ପୂଜାର୍ଚ୍ଚନା କରାଯାଇଥାଏ। ମହିଳାମାନେ ପଞ୍ଚୁକ ପାଞ୍ଚଦିନ ପ୍ରାତଃରୁ ସ୍ନାନ ସାରି ଘରଦାଣ୍ଡ ପରିଷ୍କାର କରିବା ସହ ମୁରୁଜରେ ସୁନ୍ଦର ଝୋଟିଚିତା ପକାଇଥାନ୍ତି। ପୁରୁଷମାନେ ଭକ୍ତିଭୂତ ଭାବେ ସେଠାରେ ସଂକୀର୍ତ୍ତନ କରି ରାଧାକୃଷ୍ଣଙ୍କ ବନ୍ଦନା କରିଥାନ୍ତି। ସେହିପରି ମଧ୍ୟାହ୍ନ, ସନ୍ଧ୍ୟାରେ ପୂଜାସହ ସଂକୀର୍ତ୍ତନ କରାଯାଇଥାଏ। ନାମକୀର୍ତ୍ତନର ତାଳେତାଳେ ଆକାଶ ଦୀପ ଜଳାଯାଏ। ପୂଜାକାର୍ଯ୍ୟରେ ସ୍ୱତନ୍ତ୍ର ବ୍ରାହ୍ମଣ ନିୟୋଜିତ ହୋଇଥାନ୍ତି। ଆଗରୁ କେବଳ ପୁରାଣ କଥାକୁ ନେଇ ପୂଜାର୍ଚ୍ଚନା କରାଯାଉଥିଲା। ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତାରେ ଏବେ ଉତ୍ସବ ଅଧିକ ଆଡ଼ମ୍ବରପୂର୍ଣ୍ଣ ହେଉଛି। ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ଭଜନସନ୍ଧ୍ୟା ସହ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରଙ୍ଗବେରଙ୍ଗ ଆଲୋକମାଳାର ରୋଶଣିରେ ଗ୍ରାମ୍ୟ ପରିବେଶ ଝଲସି ଉଠୁଥିବାବେଳେ ହରିନାମ ଧ୍ୱନି ପରିବେଶରେ ଭରିଦେଇଛି ଆଧ୍ୟାତ୍ମିକ ବାତାବରଣ।



**ଗ୍ରାମାଞ୍ଚଳକୁ ମାଡ଼ିଲାଣି ସହରୀ ଚଳଣିର ଝୁଙ୍କ। ପ୍ରଚଳିତ ପରମ୍ପରାରେ ବାରି ହୋଇପଡୁଛି ଆଧୁନିକତାର ଛାପ। ହେଲେ ଅନେକ ସ୍ଥାନରେ ଗ୍ରାମବାସୀଙ୍କ ନିଷ୍ଠାପର ଉଦ୍ୟମରେ ବଞ୍ଚିଛି ପ୍ରାଚୀନ ଓଡ଼ିଆ ପରମ୍ପରା। କାନପୁରାର ପ୍ରସିଦ୍ଧ ଶରତରାସ ମହୋତ୍ସବ ସେଥିରୁ ଗୋଟିଏ...**

### ଏମାନେ ଯାହା କୁହନ୍ତି

**ପରମ୍ପରା ବଞ୍ଚିଥିବାରୁ ଖୁସିଲାଗୁଛି**



“ଯୁବକ ଥିବା ସମୟରୁ ଶରତରାସ ଦେଖିଆସିଛି। ମଝିରେ ବିଭିନ୍ନ ସମସ୍ୟା କାରଣରୁ ଏହା ବନ୍ଦ ହେବା ଭଳି ପରିସ୍ଥିତି ଉପୁଜିଥିଲା। ହେଲେ ଠାକୁରଙ୍କ କୃପାରୁ ଏହା ଅଦ୍ୟାବଧି ଚାଲିଛି। ପରମ୍ପରା ବଞ୍ଚିରହିଥିବାରୁ ଖୁସିଲାଗୁଛି।

-ଗଙ୍ଗାଧର ବିଶ୍ୱାଳ, ବୟୋଜ୍ୟେଷ୍ଠ ବ୍ୟକ୍ତି

**ଏକତା ସୂତ୍ରରେ ବାନ୍ଧିରଖିଛି**



“ପଞ୍ଚୁକ ଅବସରରେ ସୋମବାରଠାରୁ ଶରତରାସ ଉତ୍ସବ ଆରମ୍ଭ ହୋଇଛି। ଏହା କାର୍ତ୍ତିକ ପୂର୍ଣ୍ଣିମା ଯାଏ ଚାଲିବ। ଆଖପାଖ ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଆସୁଛି, ହେଲେ କାନପୁରାର ପ୍ରଚଳିତ ପରମ୍ପରା ସ୍ୱତନ୍ତ୍ର। ପୂଜାରେ ୫୦୦ ପରିବାର ଏକାଠି ହୋଇଥାନ୍ତି। ଏହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିପାରିଛି।

-ବସନ୍ତ କୁମାର ରାଉତ,ବୟୋଜ୍ୟେଷ୍ଠ ବ୍ୟକ୍ତି

**ଉଜ୍ଜୀବିତ ହୋଇଛି ପରମ୍ପରା**



“ପୂର୍ବରୁ କେବଳ ବିଧିବିଧାନ ଅନୁଯାୟୀ ପୂଜା ହେଉଥିଲା। ଏବେ ଯୁବକମାନେ ଅର୍ଥ ସଂଗ୍ରହ କରି ଏହାକୁ ସରସ ସୁନ୍ଦର କରିବାକୁ ଉଦ୍ୟମ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଆମନ୍ତ୍ରିତ ହୋଇ ଆସୁଛନ୍ତି, ଯାହା ପରମ୍ପରାକୁ ଉଜ୍ଜୀବିତ କରିପାରିଛି।

-ନିର୍ମଳ ମହାନ୍ତି, ଗ୍ରାମବାସୀ

**ଭାଇଚାରା ଭାବ ସୃଷ୍ଟି ହୋଇଛି**



“ଶରତରାସ ମହୋତ୍ସବରେ ଗ୍ରାମର ଝିଅବୋହୂମାନେ ମଧ୍ୟ ସାମିଲ ହେଉଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ଏହାକୁ ଅଧିକ ସରସ ସୁନ୍ଦର କରିପାରିଛି। ଲୋକଙ୍କ ମଧ୍ୟରେ ଏକତା ଏବଂ ଭାଇଚାରା ଭାବ ସୃଷ୍ଟି ହୋଇଛି। ଏହି ଧାରା ଆଗକୁ ଯିବାକୁ ସମସ୍ତେ ଚେଷ୍ଟା କରିବା ଜରୁରୀ।

-ବାନାର୍ଜୀ ମହାନ୍ତି, ଗ୍ରାମବାସୀ

**ସମ୍ମିଳିତ ଉଦ୍ୟମରେ ସମୃଦ୍ଧ ହେବ ପ୍ରାଚୀନ ପରମ୍ପରା**



“୨୦ବର୍ଷ ହୋଇଥିଲା, ସେବେଠାରୁ ପୂଜାକାର୍ଯ୍ୟରେ ନିୟୋଜିତ ହୋଇଆସୁଛି। ଏବେ ୪୪ବର୍ଷ ଛୁଇଁଲାଣି। ଗ୍ରାମବାସୀଙ୍କ ଭକ୍ତିଭାବ, ଏକତା ଦିନକୁ ଦିନ ବୃଦ୍ଧିପାଇଛି। ଏହା ଭଲ କଥା। ସମ୍ମିଳିତ ଉଦ୍ୟମ ହେଲେ ଆଗକୁ ଏହି ପ୍ରାଚୀନ ପରମ୍ପରା ଅଧିକ ସମୃଦ୍ଧ ହେବ।

-ଦ୍ୱିତୀକୃଷ୍ଣ ମହାପାତ୍ର, ପୂଜକ

## ଓଡ଼ିଶା ପ୍ରତି ଇନ୍ଦିରାଙ୍କ ଥିଲା ଅହେତୁକ ଅନୁରକ୍ତି

ଢେଙ୍କାନାଳ ଅଫିସ,୧୯।୧୧

ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗାନ୍ଧୀ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ ଯୋଗଦେଇ କହିଲେ, ଓଡ଼ିଶା ପ୍ରତି ଇନ୍ଦିରାଙ୍କ ଅହେତୁକ ଅନୁରକ୍ତି ଥିଲା। ଦେଶରେ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ, ବ୍ୟାଙ୍କ ରାଷ୍ଟ୍ରୀୟକରଣ ଦ୍ୱାରା ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଦିଗରେ ଇନ୍ଦିରା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ପିସିସି ଉପସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ, ଇନ୍ଦିରା ଗାନ୍ଧୀ ଭାରତକୁ ମହାକାଶ ଗବେଷଣା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେହିପରି ଗୋଷ୍ଠୀ ନିରପେକ୍ଷ ଦେଶସମୂହର ନେତୃତ୍ୱ ନେଇ ଭାରତକୁ ଅନ୍ତର୍ଜାତୀୟସ୍ତରରେ ବିକାଶଶୀଳ ରାଷ୍ଟ୍ର ଭାବେ ପରିଚିତ କରାଇଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ଡା. ତୁଷାରକାନ୍ତି ନାୟକ, ସୁବାସିନୀ ମହାକୁଡ, ପୂର୍ଣ୍ଣିମାଚାନ୍ଦ ସାହୁ, ମମତାଞ୍ଜଳି ବେହେରା, ସୁନୀଲ ଦାସ, ପ୍ରେମଶଙ୍କର ମିଶ୍ର, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଇନ୍ଦିରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ 'ମୋ ବୁଥ୍ ଓ ମୋ ଗୌରବ', ମିଶନଶକ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟ ପ୍ରଭାରୀ ବିସ୍ମୟ ମହାପାତ୍ର, ୱାଲିଦ ପଟେଲ, ସମସିଦା ତାଏବ ଆଲୋଚନା କରିଥିଲେ। ଶେଷରେ ସୁପରମାର୍କେଟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଦୋଳଗୋବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ଇଏସ୍‌ଆଇ ମେଡିକାଲରେ ଆବଶ୍ୟକ ସୁବିଧା ଦାବି




ବୈଠକରେ ଉପସ୍ଥିତ ବିଭିନ୍ନ କମ୍ପାନୀର କର୍ମଚାରୀମାନେ।

ଢେଙ୍କାନାଳ ଅଫିସ,୧୯।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇଟାପରେ ନିଖିଳ ଓଡ଼ିଶା ରାଜ୍ୟ କର୍ମଚାରୀ ହିତାଧିକାରୀ ମହାସଂଘ ଅନୁଗୋଳ-ଢେଙ୍କାନାଳ ଜୋନ୍‌ର ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂଷଣ, ଜିଏମ୍‌ଆର, ଏମ୍‌ଜିଏମ୍, ବିଆର୍‌ଜି, ନବଭାରତ ଫେରୋ ଆଲଏଜ୍, ଜିନ୍ଦଲ ଆଦି କମ୍ପାନୀର କର୍ମଚାରୀ ଯୋଗଦେଇଥିଲେ।

ଇଏସ୍‌ଆଇ ମେଡିକାଲରେ ଡାକ୍ତର ଅଭାବ, ଉନ୍ନତମାନର ଚିକିତ୍ସା ସୁବିଧା, ୨୪ ଘଣ୍ଟିଆ ସେବା, ଅତ୍ୟାବଶ୍ୟକ ଔଷଧ ମହଜୁତ ରଖିବା, କର୍ମଚାରୀ ସଂଖ୍ୟା ବଢ଼ାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜୋନ୍ ସମ୍ପାଦକ ରାଜେଶ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଉପାଧ୍ୟକ୍ଷ ପବିତ୍ର ସାହୁ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ସହସମ୍ପାଦକ ଶୁଭାଶିଷ ସ୍ୱାଇଁଙ୍କ ସମେତ ବିଭିନ୍ନ କମ୍ପାନୀର ପ୍ରତିନିଧି ଯୋଗ ଦେଇଥିଲେ। ମନମୋହନ ସାହୁ, ରାମକୃଷ୍ଣ ପୃଷ୍ଟି, ଦୀପକ ସାହୁ, ବିପିନ ବିହାରୀ ବେହେରା, ନିରଞ୍ଜନ ସାହୁ, ଅଶ୍ୱିନୀ ବେହେରା, ଲକ୍ଷ୍ମଣ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏମ୍‌ଜିଏମ୍ କମ୍ପାନୀର କର୍ମଚାରୀ ଯତି ନାୟକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଏନ୍‌ଜେନ୍ କର୍ମଚାରୀ ଗୁରୁତର

ଢେଙ୍କାନାଳ ଅଫିସ, ୧୯।୧୧

ଢେଙ୍କାନାଳ ସହରସ୍ଥିତ ହାଟରୋଡ୍‌ରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଏନ୍‌ଜେନ୍ କର୍ମଚାରୀ ବୈଦନାଥ ସାହୁ(୩୩) ଗୁରୁତର ହୋଇଛନ୍ତି। ବୈଦନାଥ ଏକ ଘରୋଇ ଏଲ୍‌ଟି ଲାଇନ ଖୁଣ୍ଟରେ ଚଢ଼ି ମରାମତି କରୁଥିବାବେଳେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଜନଶୁଣାଣି ଶିବିର: ୮୭ ଅଭିଯୋଗ ସମାଧାନ

ଢେଙ୍କାନାଳ ଅଫିସ, ୧୯।୧୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପୋଲିସ ସମ୍ପର୍କିତ ମୋଟ ୧୪୯ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୮୭ଟିର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୫ହଜାର ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ୭ଜଣଙ୍କୁ ୧୧,୫୦୦ଟଙ୍କା ସହାୟତା ଦିଆଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି ସନ୍ତୋଷ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ସିଡିଏମ୍‌ଓ ପ୍ରତାପ ବେହେରା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ଭାରପ୍ରାପ୍ତ ବିଡିଓ ବସନ୍ତ ମାଝି, ତହସିଲଦାର ମୋନାଲିସା ଦେବତା, ସହକାରୀ ଜିଲାପାଳ ଶଶାଙ୍କ ଶେଖର ମିଶ୍ର, ସୀତାଂଶୁ ଶେଖର ଦାସ, ଅଧିକାରୀ ଲଲାଟ କେଶରୀ ଦଳେଇ, ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର ହୋତା, ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଯୋଗାଣ ଅଧିକାରୀ ହାଡ଼ିବନ୍ଧୁ ସେଠୀ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

■ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ ଦାବିକଲେ ଗୁହାଳଡ଼ିହିବାସୀ

# ଗ୍ରୀଡ୍ କାର୍ଯ୍ୟାଳୟ ଘେରାଉ

ଭାପୁର, ୧୯।୧୧(ଡି.ଏନ.ଏ.)

ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ ଏବଂ ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ସୋମବାର କୋଇଲିପାଙ୍ଗି ଗ୍ରୀଡ୍ ଘେରିଛନ୍ତି ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତର ଗୁହାଳଡ଼ିହି ଗ୍ରାମବାସୀ। ଏଥିସହ ବିଦ୍ୟୁତ୍ ସମସ୍ୟା ନେଇ ସ୍ୱଳ୍ପସମୟ ଲାଗି ଭାପୁର-ଢେଙ୍କାନାଳ ରାସ୍ତା ଅବରୋଧ କରିଥିଲେ। ପୋଲିସ ପ୍ରଶାସନ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀ ପହଞ୍ଚି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ହରିଡ଼ାପଶି ଗ୍ରାମ୍ୟ ପୋଖରୀ ଦେଇ ଗୁହାଳଡ଼ିହିକୁ ଟଣାଯାଇଥିବା ୧୧ କେଭି ବିଶିଷ୍ଟ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଶୁକ୍ରବାର ଛିଣ୍ଡି ପଡ଼ିଥିଲା। ପୋଖରୀ ହୁଡ଼ାରେ ଥିବା କେତେଜଣ ଗ୍ରାମବାସୀ ବିଦ୍ୟୁତ୍ ଝଟ୍‌କା ଖାଇ ଆହତ ହୋଇଥିଲେ। ଏହାପରେ ପୁନର୍ବାର ପୋଖରୀ ଉପର ଦେଇ ବିଦ୍ୟୁତ୍ ତାର ଟାଣିବାକୁ ବାରଣ କରିଥିଲେ ହରିଡ଼ାପଶି ଗ୍ରାମବାସୀ। ସମସ୍ୟା ସମାଧାନ ହୋଇ ନ ପାରିବାରୁ ଶୁକ୍ରବାରଠାରୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଏହାର ପ୍ରତିବାଦରେ ଗୁହାଳଡ଼ିହି ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଲୋକେ ସୋମବାର ଗ୍ରୀଡ୍ କାର୍ଯ୍ୟାଳୟ ଘେରିଥିଲେ। ଏହାକୁ ନେଇ ସାମୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ, ଏଏସ୍‌ଆଇ କାଳିନ୍ଦୀ ରାଉତ, ସେସୁ ଏସ୍‌ଡିଓ ନିର୍ମଳ ସାମଲ, କନିଷ୍ଠ ଯନ୍ତ୍ରୀ ପ୍ରକାଶ ସ୍ୱାଇଁ, ଦିବାକର ବିଶ୍ୱାସ, ସରପଞ୍ଚ ଅନ୍ତର୍ଯାମୀ ସାହୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ସମସ୍ୟା ସମାଧାନ ନେଇ ଫାଣ୍ଡି ପରିସରରେ ପୋଲିସ, ବିଦ୍ୟୁତ୍ ବିଭାଗ ଅଧିକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଖରୀ ହୁଡ଼ା ଦେଇ ଖୁବ୍‌ଶୀଘ୍ର ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ୩ ମାସ ମଧ୍ୟରେ ଗ୍ରାମବାସୀଙ୍କ ସହାୟତାରେ ସୁରକ୍ଷିତ ସ୍ଥାନ ଦେଇ ବିଦ୍ୟୁତ୍ ତାର ଟଣାଯିବାକୁ ନିଷ୍ପତ୍ତି ହୋଇଛି। ଆଲୋଚନାବେଳେ ହରିଡ଼ାପଶିର ଶ୍ରୀଧର ସାହୁ, ମାୟାଧର ସାହୁ, ଶ୍ରୀବତ୍ସ ଦାସ, ଚଉରଞ୍ଜନ ସାହୁ, ଗୁହାଳଡ଼ିହିର ନବକିଶୋର ସ୍ୱାଇଁ, ନୀଳମଣି ରାଉତ, ଅଜୟ ରାଉତ, ଜଗନ୍ନାଥ ସାହୁ, ଅପର୍ତ୍ତି ବେହେରା, ବିଶ୍ୱନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ରାଜପଥରେ ହାତୀପଲ

ଢେଙ୍କାନାଳ ଅଫିସ,୧୯।୧୧



ଶାବକ ସହ ମା' ହାତୀ ରାଜପଥ ପାର ହେଉଛି।

ହାତୀପଲ ଉପସ୍ଥିତି ଯୋଗୁ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥରେ ସୋମବାର ଯାତାୟାତ ପ୍ରଭାବିତ ହୋଇଛି। ଗଉଡ଼କାଟେଣୀ ନିକଟରେ ୨୦ରୁ ଊର୍ଦ୍ଧ୍ୱ ହାତୀ ରାସ୍ତା ଉପରେ ଛିଡ଼ା ହୋଇ ରହିବା ଫଳରେ ୪୫ ମିନିଟ୍ ଧରି ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା।

ଜାତୀୟ ରାଜପଥକୁ ୪ଲେନ୍ ବିଶିଷ୍ଟ କରାଯାଉଛି। ଏହାର ପ୍ରଶସ୍ତୀକରଣ ଲାଗି ରାସ୍ତାର ଉଭୟ ପାର୍ଶ୍ୱରୁ ଗଛ କାଟି ଦିଆଯାଇଛି। ଫଳରେ ଜଙ୍ଗଲରୁ ହାତୀପଲ ରାଜପଥ ଉପରକୁ ଚାଲିଆସି ଅନ୍ୟ ପଟକୁ ଯିବା ପାଇଁ ବାଟ ଖୋଜିଥିଲେ। ସୂଚନାପାଇ ବନ କର୍ମଚାରୀ, ଏଲିଫ୍ୟାଣ୍ଟ ସ୍କ୍ୱାଡ୍ କର୍ମଚାରୀ ପହଞ୍ଚି ହାତୀଙ୍କୁ ଘଉଡ଼ାଇବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### କୁଆଲୋରେ ଗାୟତ୍ରୀ ଯଜ୍ଞ



**ଢେଙ୍କାନାଳ ଅଫିସ,୧୯।୧୧-** ପରଜଙ୍ଗ ବ୍ଲକ କୁଆଲୋ ଗ୍ରାମରେ ଗାୟତ୍ରୀ ମଣ୍ଡଳ ପକ୍ଷରୁ ରବିବାର ତ୍ରିକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଞ୍ଚାଳିକା ଜ୍ୟୋତ୍ସ୍ନାମୟୀ ବେହେରାଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେଠାକାର ୧୧ଜଣ ମହିଳାଙ୍କୁ ନେଇ ମଣ୍ଡଳୀ ଗଠିତ ହୋଇଛି। ନରୋତ୍ତମ ବେହେରା, ଉର୍ମିଳା ବେହେରା, ଶରତ ଭୋଇ, ନଳିନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

### କୂଅରୁ ହାତୀ ଛୁଆ ଉଦ୍ଧାର

**ଭାପୁର,୧୯।୧୧(ଡି.ଏନ.ଏ.)** ଢେଙ୍କାନାଳ ସଦର ରେଞ୍ଜ୍ ଘଟିପିରି ନିକଟ କଳିକାପ୍ରସାଦ ଗ୍ରାମ ପତୁରିଆ ଜଙ୍ଗଲ ମଧରେ ଥିବା ଖୋଲାକୂଅରେ ଖସି ପଡ଼ିଥିବା ଏକ ହାତୀ ଶାବକକୁ ସୋମବାର ବନ ବିଭାଗ ସହାୟତାରେ ଉଦ୍ଧାର କରାଯାଇଛି। ପତୁରିଆ ଜଙ୍ଗଲରେ ହାତୀପଲ ବିଚରଣ କରୁଛନ୍ତି। ରବିବାର ରାତିରେ ହାତୀ ଛୁଆ କୂଅରେ ଖସିପଡ଼ିଥିଲା। ସୂଚନାପାଇ ଘଟିପିରି ବନପାଳ ତରଙ୍ଗ ବିଶ୍ୱାଳ, ହିନ୍ଦୋଳ ରେଞ୍ଜର ମଧୁସୂଦନ ପାତ୍ର କର୍ମଚାରୀଙ୍କସହ ପହଞ୍ଚି ଜେସିବି ମେଶିନ ସହାୟତାରେ ହାତୀକୁ ଉଦ୍ଧାର କରିଥିଲେ। ହାତୀର ଆନୁମାନିକ ବୟସ ୬ବର୍ଷ ହେବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଉଦ୍ଧାର ଶାବକକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ବାଇକ୍ ଧକ୍କାରେ ଗୋଡ଼ ଭାଙ୍ଗିଲା

**ପରଜଙ୍ଗ, ୧୯।୧୧(ଡି.ଏନ୍.ଏ.)-** ପରଜଙ୍ଗ ଥାନା ଡିହଡ଼ୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର କଣ୍ଡୋର ଛକରେ ସୋମବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ହିମାଂଶୁ ନାଏକ ଗୁରୁତର ହୋଇଛନ୍ତି। କଣ୍ଡୋର ଉପରସାହି କାର୍ତ୍ତିକେଶ୍ୱର ପୂଜାରେ ବାଜା ବଜାଇବାକୁ ହିମାଂଶୁ ଯାଉଥିବାବେଳେ ସମ୍ମୁଖରୁ ଏକ ବାଇକ୍ ଧକ୍କା ଦେଇଥିଲା। ଏଥିରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ପୋଡ଼ିହୋଇ ଆତ୍ମହତ୍ୟା ଉଦ୍ୟମ

**ପରଜଙ୍ଗ, ୧୯।୧୧(ଡି.ଏନ.ଏ.)-** ପରଜଙ୍ଗ ବଜାରରେ ରହୁଥିବା ସୁଧା ସାହୁଙ୍କ ସ୍ତ୍ରୀ ଗାୟତ୍ରୀ ସୋମବାର ସନ୍ଧ୍ୟାରେ କିରାସିନ ଢାଳି ହୋଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଥିରେ ତାଙ୍କ ଛାତି ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୂଚନାପାଇ ସୁଧା ପହଞ୍ଚି ନିଆଁ ଲିଭାଇଥିଲେ। କାମାକ୍ଷାନଗର ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଆମ୍ବୁଲାନ୍ସରେ ଏସି ନ ଥିବାରୁ ସ୍ଥାନାନ୍ତର ବେଳେ ସମସ୍ୟା ସୃଷ୍ଟି ହୋଇଥିଲା। ପାରିବାରିକ କଳହରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଆଲୋଚନା ହେଉଛି।

### ଫିନାଇଲ ପିଇଦେଲେ ମହିଳା

**ପରଜଙ୍ଗ, ୧୯।୧୧(ଡି.ଏନ୍.ଏ.)-** ପରଜଙ୍ଗ ଥାନା ଲୋଧଣି ଗ୍ରାମ ମଝିସାହିର କମଳଲୋଚନ ବେହେରାଙ୍କ ସ୍ତ୍ରୀ ସୁଲୋଚନା ସୋମବାର ଫିନାଇଲ୍ ପିଇ ଗୁରୁତର ହୋଇଛନ୍ତି। ତାଙ୍କୁ ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପାଖପଡ଼ୋଶୀଙ୍କ ମଧରେ ଭିନ୍ନମତ ପ୍ରକାଶ ପାଇଛି। ଅସାବଧାନତାରୁ ସୁଲୋଚନା ସିରପ୍ ଭାବି ଫିନାଇଲ ପିଇ ଦେଇଥିବା ଆଲୋଚନା ହେଉଛି। ଅନ୍ୟପଟେ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ଚର୍ଚ୍ଚା ଜୋର୍ ଧରିଛି।

### କୂଅରେ ପଡ଼ି ମହିଳା ଗୁରୁତର

**ଭୁବନ, ୧୯।୧୧(ଡି.ଏନ.ଏ.)** ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡୀପାଳ ଗ୍ରାମ ପାଟଣାସାହିର ରଜନୀ ଦାସ (୨୫) ସୋମବାର କୂଅରେ ଖସିପଡ଼ି ଗୁରୁତର ହୋଇଛନ୍ତି। ପାଣି ବାହାର କରୁଥିବାବେଳେ ଗୋଡ଼ ଖସିଯିବାରୁ ସେ କୂଅରେ ଖସିପଡ଼ିଥିଲେ। ଚିତ୍କାର ଶୁଣି ପାଖପଡ଼ୋଶୀ ପହଞ୍ଚି ଦମକଳ ବାହିନୀକୁ ସୂଚନା ଦେଇଥିଲେ। ମୁଖ୍ୟ ଅଗ୍ନିକ ଅଂଶୁମାନ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ରଜନୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି।

## ବଳରାମପୁରରେ ବିୟର ଫ୍ୟାକ୍ଟ୍ରିକୁ ନା

# ବିଜୟ ଉତ୍ସବ ପାଳିଲେ ଗ୍ରାମବାସୀ

**ଓଡ଼ାପଡ଼ା, ୧୯।୧୧(ଡି.ଏନ.ଏ.)**

ପରିବେଶ ସୁରକ୍ଷା ଲାଗି ଆକୁଳ ନିବେଦନ ଏବଂ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ ପରେ ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ବାତିଲ ଘୋଷଣା କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ନିର୍ଦ୍ଦେଶ ଦେବା ପରେ ଢେଙ୍କାନାଳ

### ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଜିଲା ଓଡ଼ାପଡ଼ା ବ୍ଲକ ବଳରାମପୁର ଅଞ୍ଚଳରେ ଖେଳିଯାଇଛି ଆନନ୍ଦର ଲହରି। ଏହି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଥିବାବେଳେ ବିଜୟ ଉତ୍ସବ ପାଳନ କରି ଅଞ୍ଚଳବାସୀ ଜାହିର କରିଛନ୍ତି ସେମାନଙ୍କ ଖୁସି।

ସବୁଜ ବନାନୀ ବଳୟ ପରିବେଷ୍ଟିତ ବଳରାମପୁରରେ ବିୟର ଫ୍ୟାକ୍ଟ୍ରି ଶିଳାନ୍ୟାସ ହେବା ଦିନରୁ ଦାନା ବାନ୍ଧିଥିଲା ପୁଞ୍ଜୀଭୂତ ଅସନ୍ତୋଷ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାବେଳେ ଜିଲାପାଳଙ୍କୁ ବିରୋଧ କରି ପ୍ରଥମ ଦିନରୁ ହିଁ ନିଜର ଅଭିମୁଖ୍ୟ ସ୍ପଷ୍ଟ କରିଦେଇଥିଲେ ଜନସାଧାରଣ। ହେଲେ ଗତ ଶନିବାର ଜମିରୁ ପୁରାତନ ଶାଳ, ପିଆଶାଳ, ମହୁଲ ସମେତ ୪୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ବୃକ୍ଷକୁ ପ୍ରଶାସନ ବଳପ୍ରୟୋଗ କରି ଜବରଦସ୍ତ କାଟି ଦେଇଥିଲା। ବିରୋଧ ଦମନ କରିବାକୁ ୩ ମହିଳାଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଥିଲା। ଘଟଣାକୁ ଚାରିଆଡ଼ୁ ତୀବ୍ର ନିନ୍ଦା କରାଯାଇଥିଲା। ବିଧାନସଭାରେ ମଧ ଉଠିଥିଲା ଗଛକଟା ପ୍ରସଙ୍ଗ। ଏହାପରେ ସରକାର ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡି.ଭି. ସ୍ୱାମୀଙ୍କ ରିପୋର୍ଟ ମିଳିବା ପରେ ମୁଖ୍ୟମନ୍ତ୍ରୀ ସ୍ଥାପନ ହେବାକୁ ଥିବା ମଦ କାରଖାନ ବାତିଲ କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଉତ୍ସବମୁଖର ହୋଇଉଠିଥିଲା ବଳରାମପୁର ଅଞ୍ଚଳ। ନିର୍ଯାତନାର ଶିକାର ହୋଇଥିବା ମହିଳାପୁରୁଷ ବାଜା ବଜାଇ, ବାଣ ଫୁଟାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହା ସତ୍ୟର ବିଜୟ, ପ୍ରକୃତିର ବିଜୟ ବୋଲି ଗ୍ରାମବାସୀ ସ୍ଲୋଗାନ ଦେଇଥିଲେ। ପରେ ପ୍ରସ୍ତାବିତ ଅଞ୍ଚଳକୁ ଯାଇ ଜାହିର କରିଥିଲେ ଖୁସି।

ଅଞ୍ଚଳବାସୀଙ୍କ ଭାବାବେଗକୁ କୁଠାରାଘାତ କରି ବେପରୁଆ ଭାବେ ଶତାଧିକ ଗଛ କଟାଯାଇଛି। ଏପରି ଚକ୍ରାନ୍ତରେ ଲିପ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ବଳରାମପୁର ଗ୍ରାମବାସୀ। ଏଥିସହ ଗଛ କଟାଯାଇଥିବା ଜମିରେ ବ୍ୟାପକ ବନୀକରଣ କରି ସବୁଜ ବଳୟ ଫେରାଇ ଆଣିବା ଦିଗରେ ସରକାର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେମାନେ ନିବେଦନ କରିଛନ୍ତି।



ବିଜୟ ଶୋଭାଯାତ୍ରାରେ ଅଞ୍ଚଳବାସୀ।

### ୧୫କୋଟି କ୍ଷତିପୂରଣ ଦାବି: ଜିଲାପାଳ, ଡିଏଫ୍‌ଓ, ତହସିଲଦାରଙ୍କ ନାମରେ ମାମଲା ହେବ

ପ୍ରସ୍ତାବିତ ମଦ କମ୍ପାନୀକୁ ସରକାର ବାତିଲ ଘୋଷଣା କରିବା ପରେ ଖୁସିରେ ଆତ୍ମହରା ଅଞ୍ଚଳବାସୀ ସୋମବାର ସନ୍ଧ୍ୟାରେ ବୈଠକ କରିଛନ୍ତି। ଏଥିରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ, ଡିଏଫ୍‌ଓ ଏବଂ ତହସିଲଦାରଙ୍କ ଉପସ୍ଥିତିରେ ଗଛ କଟାଯାଇଥିଲା। ତେଣୁ ହାଇକୋର୍ଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ୧୫ କୋଟି ଟଙ୍କାର କ୍ଷତିପୂରଣ ଦାବିରେ ମାମଲା ରୁଜୁ କରାଯିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଏହି ମାମଲା ରୁଜୁ କରାଯିବ ବୋଲି ଜୟନ୍ତ ଧଳ 'ଧରିତ୍ରୀ'କୁ ସୂଚନା ଦେଇଛନ୍ତି।

### ଏମାନେ ଯାହା କୁହନ୍ତି



"ମଦ କମ୍ପାନୀ ବନ୍ଦହେବା ଶୁଣି ବହୁତ ଖୁସିଲାଗୁଛି। ଗଛକଟା ଦିନଠାରୁ ଗାଁରେ କାନ୍ଦବୋବାଳି ପଡ଼ିଥିଲା। ଅନେକଙ୍କ ଘରେ ରୋଷେଇ ବନ୍ଦ ହୋଇଯାଇଥିଲା। ଯତ୍ନରେ ବଡ଼ କରିଥିବା ଜଙ୍ଗଲ ଆଖିଆଗରେ ହାଣିକାଟି ଛାରଖାର୍ କରିଦେଲେ। ଯେଉଁମାନେ ଠିଆହୋଇ ଗଛ କାଟୁଥିଲେ ସେମାନଙ୍କୁ ଦଣ୍ଡଦେବା ଦରକାର। ସରକାରଙ୍କୁ ଏତିକି ଅନୁରୋଧ।

-ସରୋଜିନୀ ଜେନା



"ଲଢ଼େଇରେ ଗ୍ରାମବାସୀଙ୍କ ବିଜୟ ହୋଇଛି। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଉଦ୍ୟମ ପଣ୍ଡ ହୋଇଛି। ଯେଉଁ ଅଧିକାରୀଙ୍କ ଜାଣତରେ ଜମିର କିସମ ପରବର୍ତ୍ତନ କରାଯାଇଥିଲା ସେମାନଙ୍କୁ କଠୋର ଦଣ୍ଡ ମିଳିବା ଉଚିତ। ଗଛ କଟାଯାଇଥିବା ଅଞ୍ଚଳ ହାତୀ ଚଲାପଥ ହୋଇଥିବାରୁ ସେଠାରେ ବନୀକରଣ ଲାଗି ସରକାର ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

-ଜୟନ୍ତ ଧଳ



"ବଡ଼ କଷ୍ଟରେ ଜଙ୍ଗଲ ବଢ଼ାଇଥିଲୁ। ସେଠାରେ କମ୍ପାନୀ କାମ ଆରମ୍ଭ ହେବା ଦିନରୁ ନିଦ ହଜିଯାଇଥିଲା। ପୋଲିସ ପ୍ରଶାସନ ଜୁଲମ କରି ଗଛସବୁ କାଟି ପକାଇଲେ। ମଦ କମ୍ପାନୀ ବାତିଲ କରାଯାଇଥିବାରୁ ଖୁସିରେ ଗୋଡ଼ ତଳେ ଲାଗୁନି। ସୁନ୍ଦର ପରିବେଶକୁ ଉଜୁଡ଼ିଯାଇଛି। ସରକାର କ୍ଷତିପୂରଣ ଦେଇ ତୁରନ୍ତ ସେଠାରେ ଚାରା ଲଗାନ୍ତୁ।

-ସରୋଜିନୀ ପାତ୍ର



"ମୁଖ୍ୟମନ୍ତ୍ରୀ ମଦ କମ୍ପାନୀ ଅନୁମତିକୁ ରଦ୍ଦ କରିଥିବା ଶୁଣିବାକୁ ମିଳୁଛି। ଏଥିରେ ସାମୟିକ ଭାବେ ଆନନ୍ଦିତ ଅଛୁ। ହେଲେ ଯେ ପର୍ଯ୍ୟନ୍ତ ଜିଲାପାଳଙ୍କ ଜରିଆରେ ଲିଖିତ ପ୍ରତିଶ୍ରୁତି ନ ପାଇଛୁ, ସେ ଯାଏ ଆନ୍ଦୋଳନ ଜାରି ରହିବ। ଇଡ୍‌କୋକୁ ଦିଆଯାଇଥିବା ଗୋଚର ଏବଂ ଜଙ୍ଗଲ ଜମି ପ୍ରତ୍ୟାହାର କରି ଅଣାଯିବାରେ ସରକାର ପଦକ୍ଷେପ ନିଅନ୍ତୁ।

-ସୁଶାନ୍ତ କୁମାର ଧଳ
ଆଞ୍ଚଳିକ ସୁରକ୍ଷା ଓ ବିକାଶ ମଞ୍ଚ ସମ୍ପାଦକ

### ଗୋଚରରୁ ପତିତ କିସମକୁ ବଦଳାଯାଇଥିଲା ଜମି



GAYATRI GROUP
P & A BOTTLERS PVT LTD
Regd Office . 16A, BRABOURNE ROAD, 9TH FLOOR, KOLKATA-700001, INDIA
Phone : (91) (33) 4010 8000, Fax : (91) (33) 4010 8080
E-mail : pabl@pabl.co.in
CIN-U74900WB2012PTC188742

Ref: P&A/PRO/VPO/17-18/19
Dated: 21.11.2017

O/C

To,
Divisional Forest Officer
Dhenkanal, Odisha

Sub: Request for joint verification by Forest and Revenue department for enumeration and Valuation of tree growth on non-forest Govt Industrial Land total 11.15 Acres over plot No.2928/3310 (P) allotted to us at Industrial Estate Balrampur, Tahasil Odapada District Dhenkanal and Necessary permission for Felling of trees for construction of 2.5 Lac HL Capacity Brewery plant on the allotted Land.

Ref: Revised and final Land allotment letter from IDCO no 21251 dated 13.11.2017

Dear Madam,
In reference to the letter under reference and the subject cited above, we would like to bring to your kind notice that post Single window approval of our Brewery project by Govt of Odihsa and in pursuance of revised master plan of Balrampur Industrial Area under Tahasil Odapada of District Dhenkanal, the IDCO has finally allotted Total 11.15 Acres of land to us out of plot no 2928/3310 (P) at Industrial Estate of Balrampur for establishment of industry as per the land schedule mentioned hereunder .

SCHEDULE OF LAND

| MAUZA | KHATA No. | PLOT No. | AREA |
|---|---|---|---|
| Balrampur | 434/347 | 2928/3310(P) | Ac.4.10 (Already leased in our favour) |
| Balrampur | 434/347 | 2928/3310(P) | Ac 7.05 (newly allotted) |
| | | TOTAL AREA | Ac. 11.15 |

The verification report about the SABIK kissam of 11.15 Acres Govt land allotted to us out of Plot no 2928 has already been submitted to your office vide our letter no 14 dated 08.09.2017 . As per the status report provided by the office of the Settlement officer Dhenkanal,the SABIK kissam of the 11.15 acres Govt land over plot no 2928 as on 25.10.1980 was PATITA in Govt record which was subsequently converted to Kissam GOCHER through proper reservation proceeding conducted on 29.04.1982.

In view of the above we request your kind authority to pass necessary orders to the concern officials for conducting a joint verification with revenue department for enumeration and valuation of the tree growth on allotted plot area as mentioned above and accord necessary permission for felling of the trees required to be removed for construction of the Brewery industry on allotted land.

Looking forward for your kind support and guidance to enable us to start our Brewery project at the earliest.

Thanking you
Your's faithfully
For P & A Bottlers Pvt. Ltd.
Devendra Kumar Tomar
Vice President – Operation

CC: Tahsildar cum Executive Magistrate, Odapada
Chief General Manager (Land), IDCO
Land Officer, IDCO

Received.
21.11.17
Encl- Revenue map of alloted Land

ବିୟର ବଟ୍‌ଲିଂ ପ୍ଲାଣ୍ଟ ପାଇଁ ପ୍ରସ୍ତାବିତ ଅଞ୍ଚଳର ଜମି ୨୦୧୪ ପୂର୍ବରୁ ଗୋଚର କିସମ ତାଲିକାଭୁକ୍ତ ଥିଲା। ରେଭେନ୍ୟୁ ମିସ୍ କେସ୍ (ଆରଏମ୍‌ସି) ନଂ. ୨୭୦/୨୦୧୪, ଖାତା ନଂ. ୪୪୯ରୁ ଏହି ପ୍ଲଟର କିସମ ଗୋଚର ପରିବର୍ତ୍ତେ ପତିତ କରାଯାଇ ଖତିଆନାରେ ଦର୍ଜ କରାଯାଇଥିଲା। ହେଲେ କେଉଁ ପରିସ୍ଥିତିରେ ଏବଂ କାହା ସ୍ୱାର୍ଥରେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଉକ୍ତ ଅଞ୍ଚଳକୁ ପତିତ କିସମ କରାଗଲା ତାହା ତଦନ୍ତ ସାପେକ୍ଷ। ଏପରି କାର୍ଯ୍ୟକୁ ପ୍ରଶ୍ରୟ ଦେଇଥିବା ତତ୍କାଳୀନ ଜିଲାପାଳ ଓ ତହସିଲଦାରଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ଅଞ୍ଚଳବାସୀ ଦାବି କରିଛନ୍ତି। କେବଳ ଏତିକି ନୁହେଁ, ଇଡ୍‌କୋକୁ ଦିଆଯାଇଥିବା ୮୯ ଏକର ମଧରେ ଜଙ୍ଗଲ କିସମ ଜମି ରହିଥିବା ମଧ ଅଭିଯୋଗ ହୋଇଛି। ଉକ୍ତ ଜଙ୍ଗଲ ଜମିକୁ ଚକ୍ରାନ୍ତ କରି କିସମ ପରିବର୍ତ୍ତନ କରାଯାଇ ଇଡ୍‌କୋ ହାତରେ ଟେକି ଦିଆଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଅନ୍ୟପଟେ ପି ଆଣ୍ଡ୍ ଏ ବଟ୍‌ଲର୍ସ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥା ସମ୍ପୃକ୍ତ ଅଞ୍ଚଳରେ ମଦ କମ୍ପାନୀ କରିବାକୁ ଅନୁମତି ଦେବା ନିମନ୍ତେ ୨୦୧୭ରେ ବନ ବିଭାଗକୁ ପତ୍ର ଲେଖିଥିଲା। ଏଥିରେ ପ୍ରସ୍ତାବିତ ଜମି ଗୋଚର କିସମ ଥିବା ଉଲ୍ଲେଖ ରହିଥିଲା। ଏଥିରୁ କମ୍ପାନୀ ମଧ ଜମିର କିସମ ବିଷୟରେ ଅବଗତ ଥିବା ସ୍ପଷ୍ଟ ହୋଇଛି।

### ରେଞ୍ଜରଙ୍କ ରିପୋର୍ଟକୁ ଅଣଦେଖା



OFFICE OF THE
FOREST RANGE OFFICER,
DHENKANAL RANGE, DHENKANAL
E-mail:rodhenkanalrange@gmail.com Ph. No.06762-223035
Memo No. 159 / Dated. 29/01/2018

To
The Divisional Forest Officer,
Dhenkanal Division, Dhenkanal

Sub: Inspection report of Range Officer to site of P & A Bottlers Pvt. Ltd. area 11.15 Acre.
Ref: Your Office Memo No.646(3) / Dt.18.01.2018. Mauza - Balarampur

Madam,
On Dtd.29.01.2018 I inspected the project area and found that the density of crop is almost 0.8 over 9 Acre of land and density of crop is 0.4 over rest 02.15 Acre of land. The land in question is full of forest growth wih speices Sal, Mahul, Kumbhi, Kendu, Asan, Rohini, Veru, Neem, Ficus, Harida, Karada. Definitely the area is look like complete Forest not at all Non-forest land.

This is for favour of your kind information and necessary action.

Yours faithfully,
Forest Range Officer,
Dhenkanal Range

ତଳିଆ ଅଧିକାରୀଙ୍କ ରିପୋର୍ଟକୁ ଅଣଦେଖା କରି ଜୈବ ବିବିଧତାରେ ଭରପୂର ବଳରାମପୁର ଅଞ୍ଚଳରେ ଗଛ କାଟିବାକୁ ବନ ବିଭାଗ ପକ୍ଷରୁ ଦିଆଯାଇଥିଲା ଅନୁମତି। ତତ୍କାଳୀନ ଢେଙ୍କାନାଳ ସଦର ରେଞ୍ଜ ଅଧିକାରୀ ଜାନୁୟାରୀ ୨୯ରେ ପତ୍ର ନଂ. ୧୫୯ରେ ତତ୍କାଳୀନ ଜିଲା ବନଖଣ୍ଡ ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ଏଥିରେ ଉଲ୍ଲେଖ ରହିଛି, ମଦ କମ୍ପାନୀ ପାଇଁ ପ୍ରସ୍ତାବିତ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ଦୁର୍ମୂଲ୍ୟ ବୃକ୍ଷରାଜି ଯଥା, ଶାଳ, ମହୁଲ, କୁମ୍ଭୀ, କେନ୍ଦୁ, ଅସନ, ରୋହିଣୀ, ଭେରୁ, ନିମ୍ବ, ହରିଡ଼ା, କରଡ଼ା ଆଦି ରହିଛି। ଏହାକୁ ଅଣଦେଖା କରି ତତ୍କାଳୀନ ଡିଏଫ୍‌ଓ ଗଛ କାଟିବାକୁ ଅନୁମତି ଦେଇଥିଲେ। ତଦନୁଯାୟୀ ଶନିବାର ପ୍ଲାଣ୍ଟ ପ୍ରସ୍ତାବିତ ଅଞ୍ଚଳରୁ ଗଛସବୁ କାଟି ପଦା କରିଦିଆଯାଇଥିଲା। ତେଣୁ ଅନୁମତି ଦେଇଥିବା ତତ୍କାଳୀନ ଡିଏଫ୍‌ଓଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ପିସିସି ଉପସଭାପତି

# 'ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି'

**ଢେଙ୍କାନାଳ ଅଫିସ,୧୯।୧୧**

ପ୍ରସ୍ତାବିତ ବିୟର ବଟ୍‌ଲିଂ ପ୍ଲାଣ୍ଟ ଜମିରେ ଗଛକଟା ଘଟଣାକୁ ନେଇ ସୋମବାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ପିସିସି ଉପସଭାପତି ତଥା ଢେଙ୍କାନାଳ ଜିଲା ପ୍ରଭାରୀ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର।

ଅପରାହ୍ନରେ ସ୍ଥାନୀୟ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଲେ, ଏନ୍‌ଜିଟିରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ଶତାଧିକ ଗଛ କଟାଯାଇ ବିୟର ବଟ୍‌ଲିଂ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ମସୁଧା କରାଯାଇଥିଲା। ବିରୋଧକୁ ବଳପୂର୍ବକ ଦମନ କରାଯାଇଛି। ଘଟଣାର ତଦନ୍ତ ଆରଡିସିଙ୍କୁ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କାରଣ ସେ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟରତ ଜଣେ କର୍ମଚାରୀ। ତେଣୁ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଗଛ କାଟିଦିଆଯିବା ପରେ ବିୟର ପ୍ଲାଣ୍ଟ ବନ୍ଦ ରଖାଯାଇଛି। ସରକାର ନିଜେ ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି। ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି ଅବସରରେ ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ଢେଙ୍କାନାଳରେ ସଙ୍ଗଠନ ସୁଦୃଢ଼ କରିବାକୁ ୨୭ ଜିଲା ପରିଷଦ ଜୋନ୍‌ର ସଭାପତିଙ୍କୁ ନେଇ ବୈଠକ କରାଯାଇଛି। ଆସନ୍ତା ୨୨ ତାରିଖ ସୁଦ୍ଧା ଜିଲା କମିଟି ଘୋଷଣା ହେବ। ଡିସେମ୍ବରରେ ପିସିସି ସଭାପତିଙ୍କ ନେତୃତ୍ୱରେ ଜନ ଜାଗରଣ ଯାତ୍ରା ଢେଙ୍କାନାଳରେ ପହଞ୍ଚିବ। କେନ୍ଦ୍ର ସରକାରଙ୍କ ବିରୋଧରେ ଜନମତ ସଂଗ୍ରହ କରାଯିବ। ବିଜେଡି ସରକାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ଏସବୁକୁ ନେଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ। ବିଜୟ ସମ୍ଭାବନା ଥିବା ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ପିସିସି ଉପସଭାପତିଙ୍କ ସମେତ ଅନ୍ୟମାନେ।

### ଯୁବକଙ୍କୁ ହତ୍ୟା ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୯।୧୧**

ଢେଙ୍କାନାଳ ସଦର ଥାନା ଟଭାପାଳ ଗ୍ରାମ ନିକଟ ବିଲରୁ ସୋମବାର ମଧ୍ୟାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଶରତ ମହାନ୍ତି (୪୦)। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ସ୍ତ୍ରୀ ସସ୍ମିତା ମହାନ୍ତି ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୫୧୯/୧୮, ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଥାନାଧିକାରୀ ମଳୟ ନାୟକ ସାଇଣ୍ଟିଫିକ୍ ଦଳ ସହ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

ଅଭିଯୋଗ ଅନୁଯାୟୀ, ରବିବାର ରାତି ୧୧ଟାରୁ ଶରତ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ସୋମବାର ପୂର୍ବାହ୍ନରେ ଜମିରେ ତାଙ୍କର ମୃତଦେହ ପଡ଼ିଥିବା ସୂଚନା ପାଇ ସସ୍ମିତା ଘଟଣାସ୍ଥଳକୁ ଯାଇଥିଲେ। ମୃତଦେହ ଠାବ କରାଯାଇଥିବା ଜମି ନିକଟରେ ପ୍ରବାହିତ ନାଳରେ ଜାଲରେ ବହୁ ପରିମାଣର ମାଛ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଥିସହ ଉକ୍ତ ସ୍ଥାନରେ ଚପଲ, ହଳଦିଆ ଗଞ୍ଜି, ଲୁହାଛଡ଼ ମଧ ପଡ଼ିଥିଲା। ଏସବୁ ଶରତଙ୍କ ନୁହେଁ ବୋଲି ସ୍ତ୍ରୀ ସସ୍ମିତା ସ୍ପଷ୍ଟ କରିଛନ୍ତି। ମଣ୍ଡାପାଳ ଗ୍ରାମର ୨ଜଣ ଜମି ଜଗୁଆଳି ନାଳରେ ଜାଲ ବସାଇଥିଲେ। ସେମାନେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ସେଲ୍ଫି କର୍ଣ୍ଣର



@ କମଳ



@ ତରୁଣ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

DHARITRI ଧରିତ୍ରୀ

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ନଭେମ୍ବର ୨୦ /୨୦୧୮ Dhenkanal, Tuesday, November 20 / 2018

## ସଂକ୍ଷେପରେ

### ଦୁର୍ଘଟଣାରେ ଠିକା ଶ୍ରମିକ ଗୁରୁତର

ବଆଁରପାଳ,୧୯।୧୧ (ଡି.ଏନ୍.ଏ.): ୫୫ ନମ୍ବର ଜାତୀୟ ରାଜପଥର ନାଲ୍କୋ ଥାନା ସିପିପି ଛକ ନିକଟରେ ସୋମବାର ସକାଳେ ଦୁର୍ଘଟଣାରେ ବଛିଆ ସାହୁ ନାମକ ଠିକା ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କ ଘର ତାଳଚେର ଅଞ୍ଚଳରେ। ସେ ଦୀର୍ଘ ଦିନ ହେଲା ସିପିପିରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସକାଳେ ଗାଁରୁ ସାଇକେଲରେ ପ୍ଲାଣ୍ଟକୁ ଆସୁଥିବାବେଳେ ପଛରୁ ଏକ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନାଲ୍କୋ ଡାକ୍ତରଖାନା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ବି ୧ ଘଣ୍ଟା ଯାଏ ଆମ୍ବୁଲାନ୍ସ ଆସି ନ ଥିଲା। ପରେ ନାଲ୍କୋର ଏକ ଆମ୍ବୁଲାନ୍ସରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା।

### ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

ବନ୍ତଲା, ୧୯।୧୧ (ଡି.ଏନ.ଏ.)- ଅନୁଗୋଳ ବନଖଣ୍ଡର ଭୁବନପୁର ବଡ଼ହିଂସ ବନ ସୁରକ୍ଷା ସମିତି କାର୍ଯ୍ୟାଳୟ ଓ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ସହକାରୀ ବନ ସଂରକ୍ଷକ ତଥା ବନ୍ତଲା ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ଧନରାଜ ଏଚ୍.ଡି. ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିୟୁଜ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସାମାଜିକ କର୍ମୀ ଦୁର୍ଗାଚରଣ ପ୍ରଧାନ, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡ୍ର ବିଜୟ କୁମାର ଜେନା, ବନପାଳ ଜୟନ୍ତ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମିତି ସଭାପତି ଟୁନା ପ୍ରଧାନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା, ସମିତି ସମ୍ପାଦକ ବଶିଷ୍ଠ ଦେହୁରୀ, କୋଷାଧ୍ୟକ୍ଷ ଶରତ ବେହେରା, ପ୍ରଣତି ବେହେରା, ଗୁଣ୍ଡିଚା ପଡିଆର, ଧୋବେଇ ପଡିଆର ଓ ଇନ୍ଦ୍ରମଣି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ବୋନ୍ କ୍ୟାନ୍‌ସରରେ ପୀଡ଼ିତ ବାଦଲ

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

**ବନ୍ତଲା, ୧୯।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ତୁରଙ୍ଗ ଗୀତାଗ୍ରାମର ପ୍ରକାଶ ସେଠୀ (୪୦)ଙ୍କ ପୁଅ ବାଦଲ (୧୫) ବୋନ୍ କ୍ୟାନସରରେ ପୀଡ଼ିତ। ହେଲେ ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା କରିପାରୁ ନାହାନ୍ତି ପରିବାର ଲୋକେ। ଏ ନେଇ ସୋମବାର ପ୍ରକାଶଙ୍କ ପରିବାରବର୍ଗ ଜିଲାପାଳଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି।

ପ୍ରକାଶଙ୍କ ଘର ଅନୁଗୋଳ ଥାନା ଜରାସିଂହା ଗ୍ରାମରେ। ସେ ୧୫ ବର୍ଷ ହେଲା ତୁରଙ୍ଗ ସ୍ଥିତ ଗୀତାଗ୍ରାମରେ ଏକ ଲଣ୍ଡ୍ରି ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଛନ୍ତି। ଗୋଟିଏ ଝିଅ, ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ଘରଡ଼ିହ ବ୍ୟତୀତ ସମ୍ପତ୍ତି ବୋଲି କିଛି ନାହିଁ। ଝିଅ ଯୁକ୍ତ୨ରେ ପଢୁଥିବାବେଳେ ପୁଅ ବାଦଲ ପିଟିସି ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର। ୬ ମାସ ପୂର୍ବରୁ ବାଦଲଙ୍କ ଆଣ୍ଠୁରେ ଘା' ହୋଇଥିଲା। ତାହା ଭଲ ନ ହେବାରୁ ପରୀକ୍ଷା ପରେ ସେ ବୋନ୍ କ୍ୟାନସରରେ ଆକ୍ରାନ୍ତ ବୋଲି ଜଣାପଡ଼ିଲା। ଏହା ଜାଣିବା ପରେ ପ୍ରକାଶଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଲଣ୍ଡ୍ରି ଦୋକାନରୁ ହେଉଥିବା ରୋଜଗାର ପରିବାର ପେଟକୁ ନିଅଣ୍ଟ ପଡୁଥିବା ବେଳେ କିପରି ପୁଅର ଜୀବନ ରକ୍ଷା କରିବେ ସେ ନେଇ ପ୍ରକାଶ ଚିନ୍ତିତ ହୋଇପଡ଼ିଥିଲେ। ଘରେ ଯାହା ସାମଗ୍ରୀ ଥିଲା ସେସବୁ ବିକ୍ରି କରିବା ସହିତ ଧାର କରଜ କରି କଟକରେ ୧ ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ କରି ସାରିଛନ୍ତି। ହେଲେ ରୋଗ ଭଲ ହେଉ ନ ଥିବା ବେଳେ ପାଖରେ ଆଉ ଟଙ୍କାଟିଏ ନାହିଁ। ଗରିବ ହୋଇଥିଲେ ବି ତାଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚିପାରି ନାହିଁ। ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ ତାଙ୍କୁ ଦିଆଯାଇ ନାହିଁ। ତେଣୁ ପୁଅକୁ କିପରି ମୁମ୍ବାଇ ନେଇ ଟାଟା ମେମୋରିଆଲ ଚିକିତ୍ସା କେନ୍ଦ୍ରରେ ଭଲ କରିବେ ସେହି ଚିନ୍ତା ତାଙ୍କୁ ଘାରିଛି। ଏଥିପାଇଁ ପ୍ରାୟ ୪ରୁ ୫ ଲକ୍ଷ ଟଙ୍କା ଦରକାର ବୋଲି ପ୍ରକାଶ ଲୁହ ଛଳ ଛଳ ଆଖିରେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କଠାରୁ ସହାୟତା ପାଇବା ଆଶାରେ ସେ ଜିଲାପାଳଙ୍କ ପ୍ରକୋଷ୍ଠକୁ ଆସିଥିଲେ ବୋଲି କହିଛନ୍ତି। ଶୀତଳ ପ୍ଲାଜାର ଶଶାଙ୍କ ସାହୁ ଓ କେତେଜଣ ସାମାଜିକ କର୍ମୀ ଅଳ୍ପ କିଛି ଟଙ୍କା ସଂଗ୍ରହ କରିଥିବାବେଳେ ଏତେ ଅର୍ଥ ସେ କେଉଁଠୁ ପାଇବେ ବୋଲି ପ୍ରକାଶ ପ୍ରଶ୍ନ କରିଛନ୍ତି।



ବାଦଲଙ୍କୁ ଧରି ଜିଲାପାଳଙ୍କ ପାଖକୁ ଅଭିଯୋଗ କରିବା ପାଇଁ ଯାଉଛନ୍ତି ପରିବାର ଲୋକେ।

ଅମ୍ଲାନଙ୍କ ପାଇଁ ଅର୍ଥ ସାଜିଛି ବାଧକ ଘଟଣା

## ସହଯୋଗ ଆଶାରେ ଜିଲାପାଳଙ୍କ ଦ୍ୱାରସ୍ଥ



ଅତିରିକ୍ତ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପାଇଁ ଯାଇଥିବା ଅମ୍ଲାନ।

**ବନ୍ତଲା, ୧୯।୧୧ (ଡି.ଏନ.ଏ.)**

୧୯ ବର୍ଷରୁ କମ୍ ରାଜ୍ୟ ବ୍ୟାଡମିଣ୍ଟନରେ ର୍ୟାଙ୍କ ୧ରେ ଥିବା ଅନୁଗୋଳ ଜିଲା ବଡ଼କେରା ପଞ୍ଚାୟତ ତୁମୁଣି ରଗୁଡ଼ିଆପଡ଼ା ଗ୍ରାମର ଅମ୍ଲାନ କେଶରୀ ଗଡ଼ନାୟକ ଆର୍ଥିକ ଦୁରାବସ୍ଥାରେ ଅଛନ୍ତି। ଏପରି କି ଆଗାମୀ ୨୭ ତାରିଖରେ ସବ୍‌ଜୁନିୟର ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ବାଙ୍ଗାଲୋର ଗସ୍ତ ପାଇଁ ତାଙ୍କ ନିକଟରେ ଆବଶ୍ୟକ ଅର୍ଥ ନାହିଁ। ଏ ନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଜିଲା ବ୍ୟାଡମିଟନ କ୍ଲବ ଉପଦେଷ୍ଟା ପ୍ରଦୀପ୍ତ କୁମାର ଘୋଷ ତାଙ୍କୁ ସୋମବାର ଜିଲାପାଳଙ୍କ ପ୍ରକୋଷ୍ଠକୁ ନେଇ ସହାୟତା ଲୋଡ଼ିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ତାଙ୍କ ଅଭିଯୋଗକୁ ଗ୍ରହଣ କରିବା ସହିତ ସହାୟତା ପ୍ରଦାନ ନିମନ୍ତେ ଜିଲା କ୍ରୀଡ଼ା ଅଧିକାରୀଙ୍କୁ ଜଣାଇବା ସହିତ ରେଡ୍‌କ୍ରସ ପାଣ୍ଠିରୁ ସହାଯ୍ୟ କରିବା ପାଇଁ ଡେପୁଟି କଲେକ୍ଟର ବୈଡୁରା ଦୀପ୍‌ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଦମକଳ କେନ୍ଦ୍ର ସ୍ଥାପନ ପାଇଁ ସ୍ମାରକପତ୍ର

**ବନ୍ତଲା, ୧୯।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲାଠାରେ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ସୋମବାର ସାମାଜିକ ସଙ୍ଗଠନ ଯୁବଶକ୍ତି ତରଫରୁ ଜିଲାପାଳଙ୍କ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଜିଲାର ଦୁର୍ଗମ ଅଞ୍ଚଳ କୁହାଯାଉଥିବା ବନ୍ତଲାରେ ଅନେକ ସମୟରେ ଘରପୋଡ଼ି, ଶସ୍ୟପୋଡ଼ି, ଦୁର୍ଘଟଣା ଘଟୁଥିଲେ ହେଁ ଏଠାରେ ଦମକଳ କେନ୍ଦ୍ର ନ ଥିବାରୁ ଠିକଣା ସମୟରେ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିପାରୁ ନାହାନ୍ତି। ଏଥିଯୋଗୁ ବହୁ ଧନ, ଜୀବନ ନଷ୍ଟ ହେଉଛି। ତେଣୁ ବନ୍ତଲାରେ ଅଗ୍ନିଶମ କେନ୍ଦ୍ର ସ୍ଥାପନ ନିମନ୍ତେ ଯୁବଶକ୍ତ ସଭାପତି ବ୍ରହ୍ମଜ୍ୟୋତି ମିଶ୍ର, ଉପଦେଷ୍ଟା ଅଜୟ ଭାଇଙ୍କ ଉଦ୍ୟମରେ ବନ୍ତଲା, ବେଡ଼ା, ବସଲା ଲକେଇପଶି, ଇକରବନ୍ଧ, ଭେରୁବଣିଆ, ସୁନାଭୂଇଁ, କୁଶକଣ, ମୁଣ୍ଡାଦୀପ, ବାଲିସାହି, ବଲାସିଂହା, ହମାମୀରା, କଞ୍ଚା, ନୂଆକ୍ଷେତା, ଶଙ୍ଖପୁର, ତଳଗଡ଼, ତଳମୂଳ ଶାସନ, ନାଉପାଳ, ନୂଆପଡ଼ା, ସାତକୋଶିଆ, ଲଇମୁଣ୍ଡା, ଟାଇଁସି, ସାରଙ୍ଗପୁର, ଲାଛବନ୍ଧ, ନନ୍ଦପୁରବାସୀଙ୍କ ଏକ ହଜାରରୁ ଊର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ନିବେଦନ ପତ୍ର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ବିଶ୍ୱମୋହନ ମହାପାତ୍ର, ହେମନ୍ତ କୁମାର ସାହୁ, ପ୍ରିୟବ୍ରତ ପ୍ରଧାନ, ଦିଲୀପ କୁମାର ସାହୁ, ସୁଜିତ କୁମାର ସାହୁ, ମାନସ ରଞ୍ଜନ ଦେହୁରୀ ପ୍ରମୁଖ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଯୁବଶକ୍ତିର ସଦସ୍ୟ ଓ ସାମାଜିକ କର୍ମୀମାନେ।





Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *Offer Applicable only on 125cc Motorcycles.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍‌ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.

ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍‌ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍‌ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍‌ସ - 270394.




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ